ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୨୬ ଜୁନ୍, ୨୦୨୨



## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଚୋରି

**କୁତ୍ରା, ୨୫।୬(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ବିରିଙ୍ଗାଟୋଲି ଗ୍ରାମରେ ଶୁକ୍ରବାର ରାତିରେ ଧନଞ୍ଜୟ ପୃଷେଟଙ୍କ ଘରୁ ଚୋରି ହୋଇଥିବା ନେଇ କୁତ୍ରା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଧନଞ୍ଜୟ ଓ ତାଙ୍କ ଘର ଲୋକ ବିରିଙ୍ଗାଟୋଲି ଛକରେ ଥିବା ତାଙ୍କ ହୋଟେଲରେ ରହିଯାଇଥିଲେ। ଘରେ ନ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଘର ତାଲାଭାଙ୍ଗି ନଗଦ ଟଙ୍କା ୧୦ ହଜାର, ସୁନା କାନଫୁଲ ଓ ଏକ ବ୍ୟାଗକୁ ଚୋରିକରି ନେଇଯାଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଦୁର୍ଘଟଣାରେ ବାଇକ ଆରୋହୀ ମୃତ

**ସଇଁତଲା,୨୫।୬ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଦେଇ ଯାଇଥିବା ଜାତୀୟ ରାଜପଥ-୨୬ ବରଗାଁ ଛକ ନିକଟ ଲାନ୍ଥନଦୀ ବ୍ରିଜ ଉପରେ ଶନିବାର ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ସନ୍ଧ୍ୟାରେ ସଇଁତଲା ପଟୁ ହିରୋ ଏଚଏଫ ଡ଼ିଲକ୍ସ ବାଇକ (ନଂ.ଓଡ଼ି-୦୩-ସି-୦୨୨୬)ରେ ଯୁବକ ଜଣକ ବରଗାଁ ପଟକୁ ଯାଉଥିଲେ। ବ୍ରିଜର ରିପ୍ୟାରିଂ କାମ ପାଇଁ ବିଭିନ୍ନ ସ୍ଥାନରେ ଦିଆଯାଇଥିବା ଲୁହା ଏଙ୍ଗେଲରେ ତାଙ୍କ ବାଇକ ପିଟି ହୋଇଯାଇଥିଲା ଏଥିରେ ଗାଡିରୁ ଛିଟି ପଡିଥିଲେ। ଏହି ସମୟରେ ସେହିପଟେ ଯାଉଥିବା ଏକ ଚାରିଚକିଆ ଯାନ ତାଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ ଧକ୍କା ଦେଇଥିବା ଯାନକୁ ନେଇ ଡ୍ରାଇଭର ଫେରାର ହୋଇ ଯାଇଥିଲେ। ବରଗାଁର କେତେକ ଲୋକେ ଗୁରୁତର ଅବସ୍ଥାରେ ବାଇକ ଆରୋହୀଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଇଁତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୭ଦିନ ପରେ ସ୍ୱାଭାବିକ ହେଲା ଜଳ ଯୋଗାଣ

**ଲାଠୋର,୨୫।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜଳଯୋଗାଣ ପ୍ରକଳ୍ପ ସାତଦିନ ପରେ ସ୍ୱଭାବିକ ହୋଇଛି। ଗତ ୧୮ତାରିଖରେ ଜଳ ଯୋଗାଣ ପ୍ରକଳ୍ପ ନଂ ୨ ମୋଟର ପୋଡି ଯାଇଥିଲା। ମୋଟର ବାହାରକୁ ବାହାର କରିବା ବେଳେ ସପୋର୍ଟିଂ ତାର ଛିଣ୍ଡି ବୋରିଂ ଭିତରେ ପଡ଼ି ଯାଇଥିଲା। ଫଳରେ ସାତ ଦିନ ଧରି ପାଇପ ଜଳଯୋଗାଣ ବନ୍ଦ ରହିଥିଲ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସରପଞ୍ଚ ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହ ଯୋଗାଯୋଗ କରିଥିଲେ। ଏକ ନୂଆ ବୋରିଂ ଖୋଳାଯାଇଥିଲା। ଏଥିସହ ବୋରିଂରେ ଫସି ରହିଥିବା ମୋଟରକୁ ବାହାର କରି ଶନିବାର ସନ୍ଧ୍ୟାରେ ଜଳ ଯୋଗାଣକୁ ସ୍ୱଭାବିକ କରିଛନ୍ତି।

### ଭୈରବ ମନ୍ଦିରରୁ ଚୋରି ଅଭିଯୋଗ

**ଲାଞ୍ଜିଗଡ଼,୨୫।୬(ଡି.ଏନ.ଏ.):** ଲାଞ୍ଜିଗଡ଼ସ୍ଥିତ ପ୍ରସିଦ୍ଧ ଭୈରବ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଶନିବାର ସକାଳେ ପୂଜକ ହରିଶ୍ଚନ୍ଦ୍ର ମୁଣ୍ଡଛିନା ମନ୍ଦିର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କୁ ଜଣାଇଥିଲେ। କମିଟି ସଦସ୍ୟ ପହଞ୍ଚି ମନ୍ଦିରରେ ଥିବା ୨୦ଟି ଖଣ୍ଡା, ୫ଟି ଟାଙ୍ଗୀ, ଗୋଟିଏ ରୂପା ଛତ୍ର ଓ ୬ଟି ଶିକୁଳୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ।

# ଶିଶୁ ସୁରକ୍ଷା, ବାଲ୍ୟ ବିବାହ ରୋକିବାକୁ ଶପଥ

**ବଡ଼ଗାଁ, ୨୫।୬(ଡି.ଏନ୍.ଏ.)**

ଏଣିକି ଲୁଚାଛପାରେ ଅଭିଭାବକମାନେ କମ ବୟସର ଝିଅଙ୍କୁ ବିବାହ କଲେ ଦଣ୍ଡିତ ହେବାକୁପଡ଼ିବ। ବାଲ୍ୟ ବିବାହ ବନ୍ଦ କରିବା ପାଇଁ ପଞ୍ଚାୟତ ଓ ବ୍ଲକସ୍ତରରେ ଗଠିତ କମିଟି ଏଥିପାଇଁ କ୍ରାନ୍ତିକାରୀ ପଦକ୍ଷେପ ନେଉଛି। ସୁନ୍ଦରଗଡ଼ ଜିଲାରେ କରୋନା ପରବର୍ତ୍ତୀ ସମୟରୁ ବାଲ୍ୟ ବିବାହ ଓ କମ ବୟସର ଯୁବତୀ ଗର୍ଭବତୀ ହୋଇଥିବାର ଅନେକ ଘଟଣା ଜଣାପଡିବା ପରେ ଜିଲା ପ୍ରଶାସନ ସତର୍କ ଦୃଷ୍ଟି ରଖିବା ଆରମ୍ଭ କରିଦେଇଛି। ଏଥିପାଇଁ ପଞ୍ଚାୟତ ଓ ବ୍ଲକସ୍ତରରେ ବୈଠକ କରି ଜନଜାଗରଣ ଓ ସଚେତନତା ଆଣି ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଓ ଯୁବତୀ ଚାଲାଣ ଭଳି ଅମାନବୀୟ କାର୍ଯ୍ୟକୁ ବନ୍ଦ କରିବା ଲକ୍ଷ୍ୟ ନେଇ ସରକାରୀ କର୍ମଚାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା କରାଯାଉଛି। ଏହି କ୍ରମରେ ବଡ଼ଗାଁ ବ୍ଲକ ଅଫିସ ସଭାଗୃହରେ ବ୍ଲକସ୍ତରୀୟ ଟାସ୍କ ଫୋର୍ସର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡ଼ିଓ କ୍ଷମାନିଧି ଭୋଇ, ପ୍ରୋବେସନର ଡିଏସପି ବିଭୂତି ଭୂଷଣ, ଅତିରିକ୍ତ ତହସିଲଦାର ବିନୟ କୁଲୁ, ସିଡିପିଓ ସୁତପା ଚୌଧୁରୀ, ବିଇଓ ଶାନ୍ତି ମୁନି ହରୋ, କମିଟି ଗୁଡ଼ିକର ଜିଲା ସଂଯୋଜକ ମୀନାକ୍ଷୀ ପ୍ରଧାନ, ବ୍ଲକ ସଂଯୋଜକ ଜଗବନ୍ଧୁ ମହାନ୍ତି ଯୋଗଦେଇ ବାଲ୍ୟ ବିବାହ ରୋକିବା ପାଇଁ କଣ ପଦକ୍ଷେପ ନିଆଯିବ ଓ ନିଆଯାଇଛି, ଏଥିପାଇଁ ଥିବା ସରକାରୀ ସହଯୋଗ, ସହାୟତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଗତ କିଛିମାସ ମଧ୍ୟରେ ୮ ରୁ ଅଧିକ ବାଲ୍ୟ ବିବାହ ରୋକାଯାଇଥିବା ସିଡିପିଓ ଚୌଧୁରୀ ସୂଚନା ଦେଇଥିଲେ। ମୁଖ୍ୟତଃ ଦାରିଦ୍ର୍ୟତା କାରଣରୁ ଅଭିଭାବକମାନେ ଛୋଟ ପିଲାଙ୍କୁ ରାଜ୍ୟ ବାହାରକୁ ଦଲାଲ ମାଧ୍ୟମରେ ପଠାଇଥାନ୍ତି। ତେଣୁ ସଚେତନତା ସହିତ ସେହି ପରିବାରର ଆର୍ଥିକ ସ୍ଥିତିରେ ସୁଧାର ବ୍ୟବସ୍ଥା କରିବା ଆବଶ୍ୟକ। ସ୍କୁଲ ଗୁଡ଼ିକରେ ଏହା ଉପରେ ଆଲୋଚନା ପାଇଁ କାର୍ଯ୍ୟକ୍ରମ ରଖିବାକୁ ବିଇଓ ହରୋ ମତ ଉପସ୍ଥାପନ କରିଥିଲେ। ଅଭିଭାବକଙ୍କ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ସରକାରଙ୍କ କଣ ବ୍ୟବସ୍ଥା ଅଛି ଜିଲା ସଂଯୋଜକ ପ୍ରଧାନ କହିଥିଲେ। ଅତିରିକ୍ତ ତହସିଲଦାର କୁଲୁ ସମାଜ ମୁଖିଆଙ୍କ ମାଧ୍ୟମରେ ଜନସଚେତନତା କଲେ ପ୍ରଭାବଶାଳୀ ହେବ ବୋଲି କହିଥିଲେ। ଅଧକ୍ଷା ସୋରେଙ୍ଗ ପଲ୍ଲୀସଭା ଓ ଗ୍ରାମସଭାରେ ଏହାକୁ ନେଇ ସଚେତନ କରିବା ପାଇଁ ମତ ରଖିଥିଲେ। ବୈଠକରେ ବିଭିନ୍ନ ବିଭାଗର କର୍ମଚାରୀ, ଯୁବତୀମାନେ ଯୋଗଦେଇଥିଲେ। ବୈଠକ ଶେଷରେ ଉପସ୍ଥିତ ସମସ୍ତେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ବନ୍ଦ କରିବାକୁ ନେଇ ଶପଥ ପାଠ କରିଥଲେ।

## ରେଡକ୍ରସ ସୋସାଇଟି ପକ୍ଷରୁ ଜିଲାପାଳଙ୍କୁ ସ୍ୱାଗତ



**ସୁନ୍ଦରଗଡ଼, ୨୫।୬(ଡି.ଏନ.ଏ.)**

ନୂତନ ଜିଲାପାଳ ଡ଼.ପରାଗ ହର୍ଷଦ ଗାଭାଲିଙ୍କୁ ଜିଲା ରେଡ଼କ୍ରସ ସୋସାଇଟି ତରଫରୁ ସୋସାଇଟିର କର୍ମକର୍ତ୍ତା ତଥା କର୍ମଚାରୀମାନେ ସ୍ୱାଗତ ଜଣାଇଛନ୍ତି। ଆଗାମୀ ଦିନରେ ଜିଲାପାଳ ଭାବେ ତାଙ୍କର ଦିଗଦର୍ଶନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ଆହୁରି ଆଗେଇନେବେ ତଥା ରେଡ଼କ୍ରସ ଭଳି ସଙ୍ଗଠନକୁ ଆହୁରି ଜନାଭିମୁଖୀ କରିବାରେ ସହାୟକ ହେବେ ବୋଲି ଆଶା ପ୍ରକାଶ କରିଥିଲେ। ରେଡ଼କ୍ରସ ଦାୟିତ୍ୱରେ ଥିବା ଜରୁରୀକାଳୀନ ପଦାଧିକାରୀ କୁନ୍ତୀରାଣୀ ନାଏକ, ରେଡ଼କ୍ରସର ଯୁଗ୍ମ ସମ୍ପାଦକ ଅଜିତ ପ୍ରସାଦ, ଆଜୀବନ ସଭ୍ୟ ଡା. ଅନନ୍ତ କୁମାର ଆଚାର୍ଯ୍ୟ, ପ୍ରଦୀପ କୁମାର ସାହୁ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଗୋପକୃଷ୍ଣ ନାଏକ, ବୈକୁଣ୍ଠ ବନଛୋର, ଦିଲୀପ ପଣ୍ଡା, ଯୁଧିଷ୍ଠିର ପ୍ରଧାନ, ଅଭିଷେକ ହୋତା, ସାରିଶ୍କା ପଟେଲ, ସରୋଜିନୀ ମହାନନ୍ଦ ଉପସ୍ଥିତ ଥିଲେ।

## ବଡ଼ଗାଁ ଥାନାରେ ଆମ ପୋଲିସ ବୈଠକ

**ବଡ଼ଗାଁ, ୨୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନାରେ ଆମ ପୋଲିସ ସମିତିର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରୋବେଶନର ଡିଏସ୍‌ପି ବିଭୂତି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସବଇନ୍ସପେକ୍ଟର ମିଲି ସାହୁ,ଏଏସ୍‌ଆଇ ବିଜୟ କୁମାର କର ଯୋଗଦେଇ ଆମ ପୋଲିସ କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ ବଡ଼ଗାଁ ସରପଞ୍ଚ ସୁଗାଡ ସଏ, ପୋଲିସ ଓ ଜନତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ଲୋକେ ନିର୍ଭୟରେ ସତକଥା ସମ୍ମୁଖକୁ ଆଣିବେ ବୋଲି କହିଥିଲେ। ରେଣୁମାଧବ ହୋତା, ପରମାନନ୍ଦ ପାଣିଗ୍ରାହୀ, ଲିଲିମା ରାଉତ, ଚିନ୍ତାମଣି ସାହୁ ବଡ଼ଗାଁର କେତେକ ସ୍ଥାନରେ ଜୁଆ ଖେଳ ଚାଲିଥିବା, ବିଭିନ୍ନ ସ୍ଥାନରେ ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଦେଖାଦେଉଥିବା, ମୁଖ୍ୟତଃ ବସଷ୍ଟାଣ୍ଡଠାରେ ଗାଡ଼ି ରାସ୍ତା ଅବରୋଧ କରି ରଖାଯାଉଥିବା, ରାଜ୍ୟ ବାହାରୁ ଆସି ଏଠାରେ ବ୍ୟବସାୟ କିମ୍ବା କାମ କରୁଥିବା ବ୍ୟକ୍ତିଙ୍କ ଠିକଣା ପ୍ରମାଣପତ୍ର ଥାନା ଓ ପଞ୍ଚାୟତରେ ରଖାଯିବା ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ। ଗାଁଗୁଡିକରେ 'ଭିଲେଜ ଡିଫେନ୍ସ' କମିଟି ଗଠନ କରି ଜଗିବା ବ୍ୟବସ୍ଥା କରିବାକୁ ରେଣୁ ମାଧବ ହୋତା ମତ ରଖିଥିଲେ। ବଡ଼ଗାଁ ଅଞ୍ଚଳକୁ କିଛିମାସ ହେଲା ସନ୍ଧ୍ୟା ଓ ରାତିରେ କେତେକ ଯୁବତୀଙ୍କ ସନ୍ଦେହଜନକ ଗତିବିଧି ଲକ୍ଷ୍ୟ କରାଯାଉଥିବାରୁ ପୋଲିସ ଏହା ଉପରେ ପଦକ୍ଷେପ ନେବାକୁ ସଦସ୍ୟ ମାନେ କହିଥିଲେ। ଡିଏସ୍‌ପି ମହାପାତ୍ର ପୋଲିସ ଓ ଜନତାଙ୍କ ମଧ୍ୟରେ ଯେପରି ବ୍ୟବଧାନ ନ ରହେ ଓ ଭଲ ସମ୍ପର୍କ ରହିବ ସେଥିପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ। ବସ୍‌ଷ୍ଟାଣ୍ଡଠାରେ ଗାଡ଼ିର ଗତି ନିୟନ୍ତ୍ରଣ ପାଇଁ ରୋମରେଲ ତିଆରି ପାଇଁ ଚେଷ୍ଟା କରାଯିବ କହିଥିଲେ। କୌଣସି ଠାରେ ଜୁଆ,ଅପରାଧିକ କାର୍ଯ୍ୟକଳାପ , ଗତିବିଧି ଦେଖିଲେ ତୁରନ୍ତ ୯୯୩୮୧୬୬୫୫୧ କିମ୍ବା ୧୧୨ କୁ ଫୋନ କରିବାକୁ କହିଥିଲେ। ସବଇନ୍ସପେକ୍ଟର ମିଲି ସାହୁ, ଶିଶୁ ଓ ମହିଳା ଡେସ୍କରେ ବହି ଏବଂ ଖେଳନା ରଖାଯାଇଥିବା ସୂଚନା ଦେଇ ଏଠାରେ ବାଳକ, ବାଳିକାମାନେ ଆସି ପଢିପାରିବେ କହିବା ସହ ଶିଶୁ ନିର୍ଯାତନା, ଯୁବତୀ ଚାଲାଣ ଘଟଣା ଦୃଷ୍ଟିକୁ ଆସିଲେ ଜଣାଇବା ପାଇଁ କହିଥିଲେ।





ଆମ ପୋଲିସ ସମିତି ବୈଠକରେ ଯୋଗଦେଇଥିବା ବରିଷ୍ଠ ବ୍ୟକ୍ତି, ଜନପ୍ରତିନିଧି।

## ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

**ବଡ଼ଗାଁ, ୨୫।୬(ଡି.ଏନ୍.ଏ.)**

### ୨୦ ୟୁନିଟ ରକ୍ତ ସଂଗ୍ରହ

ସୁନ୍ଦରଗଡ ଜିଲା ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଶନିବାର ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ରକ୍ତଦାନ ଶିବିର ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବିଜେଡି କର୍ମୀମାନେ ଅବସରପ୍ରାପ୍ତ କଲେଜ ପ୍ରିନ୍ସିପାଲ ସ୍ୱର୍ଗତ ନିତ୍ୟାନନ୍ଦ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଜେଡିର ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ତଥା ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜିକ ବୈକୁଣ୍ଠ ନାଏକ, ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବିଜେଡି ବ୍ଲକ ସଭାପତି ଦେବାଶିଷ ମିଶ୍ର, ଦଳୀୟ କର୍ମକର୍ତ୍ତା ବସନ୍ତ ସାହୁ, ସରୋଜ ସାହୁ, ତ୍ରିନାଥ ବେହେରା, ଶିବାଜୀ ନାଏକ, ଭୀଷ୍ମ ପଟ୍ଟନାୟକ, ରୋଷନ ସାହୁ, ପ୍ରଣବ ଆଚାର୍ଯ୍ୟ ପ୍ରମୁଖଙ୍କ ଉପସ୍ଥିତିରେ ବିଜେଡି ଜିଲା ସଭାପତି ବିନୟ ଟପୋ ଶିବିରକୁ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ ରକ୍ତ ଭଣ୍ଡାର ପରାମର୍ଶଦାତା ରତ୍ନପ୍ରଭା ନାଏକ, କର୍ମଚାରୀ, ଜ୍ୟୋସ୍ନା ଦେଉରିଆ, ବିଜୟ ରକସା, ସୁରଜ ସାହୁ ରକ୍ତ ସଂଗ୍ରହ କରିଥଲେ। ଶିବିରରେ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।



ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ଓ ଅନ୍ୟମାନେ।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

**ବଡ଼ଗାଁ, ୨୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜରେ ଶନିବାର ଏନ୍‌ଡିଆର୍‌ଏଫ୍ ଦ୍ୱାରା ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ, ଅତିରିକ୍ତ ତହସିଲଦାର ବିନୟ କୁଲୁ, ବ୍ଲକ ଅଧକ୍ଷା ଦୁଲାରି ସୋରେଙ୍ଗ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଡିଆର୍‌ଏଫ୍ ଟିମ୍‌ର ଇନ୍ସପେକ୍ଟର ଉଦିତ କୁମାର୍ ଦିକ୍ଷୀତ, ସବ୍‌ଇନ୍ସପେକ୍ଟର ହେମରାଜ ପାଣ୍ଡେଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ସ୍ୱାସ୍ଥ୍ୟଗତ ଜରୁରୀ ପରିସ୍ଥିତି, ବନ୍ୟା, ବାତ୍ୟା, ବଜ୍ରପାତ, ଅଗ୍ନିକାଣ୍ଡରେ କିପରି କୌଶଳ ଅବଲମ୍ବନ କରି ଜୀବନ ରକ୍ଷା କରାଯାଇପାରିବ ପ୍ରଦର୍ଶନ କରି ଦେଖାଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ, କଟକ ଏନ୍‌ଡିଆର୍‌ଏଫ୍ ଟିମ୍ ଦ୍ୱାରା ଜିଲାର ବିଭିନ୍ନ ବ୍ଲକରେ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

## ଉତ୍କର୍ଷ କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ସୁନ୍ଦରଗଡ,୨୫।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ତୁଡାଲଗାସ୍ଥିତ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା 'ଉତ୍କର୍ଷ କେନ୍ଦ୍ର' ପରିଦର୍ଶନ କରିଛନ୍ତି ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି। ଏହି କେନ୍ଦ୍ରରେ ଯୁକ୍ତ ୨ ପାଠ ପଢିବା ସହ ମାଗଣାରେ ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ନେଉଥିବା ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। କଠିନ ପରିଶ୍ରମ, ବାରମ୍ବାର ଅଭ୍ୟାସ ତଥା ଦୃଢ଼ ମନୋବଳ ଦ୍ୱାରା ଯେକୌଣସି କଠିନ ଲକ୍ଷକୁ ହାସଲ କରାଯାଇପାରିବ ବୋଲି ଏହି ଅବସରରେ ଜିଲାପାଳ ମତବ୍ୟକ୍ତ କରିବା ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ ପୂର୍ବକ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍କର୍ଷ କେନ୍ଦ୍ରରେ ସୁନ୍ଦରଗଡ଼ ସହିତ ରାଜ୍ୟର ୧୩ଟି ଜିଲାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ର କୋଚିଂ ନେଉଛନ୍ତି। ୨୦୨୧-୨୨ ଶିକ୍ଷା ବର୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲାପାଳ ଗସ୍ତବେଳେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଅନୁଷ୍ଠାନର ଅଧକ୍ଷ ବାବୁଲାଲ ପଟେଲ ଓ ପ୍ରଶିକ୍ଷଣର ଦାୟିତ୍ୱରେ ଥିବା ଆଇ ବୁକ କୋଚିଂ ସଂସ୍ଥାର ସାଧନକର୍ମୀଗଣ ତଥା ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

## ମହିଳା ସଂଗ୍ରାମ ସମିତି ବୈଠକ



ମହିଳା ସଂଗ୍ରାମ ସମିତି ବୈଠକରେ ଉପସ୍ଥିତ ସରପଞ୍ଚ, ସଭ୍ୟା।

**କୁତ୍ରା, ୨୫।୬(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପଠାରେ ଶନିବାର ମହିଳା ସଂଗ୍ରାମ ସମିତି ପକ୍ଷରୁ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଏବଂ ମହିଳା ସଂଗ୍ରାମ ସମିତିର ସାବିତ୍ରୀ ବାଇ ଫୁଲେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ କୁତ୍ରା ବ୍ଲକର ୧୩ଟି ପଞ୍ଚାୟତର ନବନିର୍ବାଚିତ ଜନପ୍ରତିନିଧି ସରପଞ୍ଚ, ସମିତି ସଭ୍ୟା, ୱାଡ୍ ସଭ୍ୟା ପ୍ରମୁଖଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ସାମାଜିକ ଗଣମାଧ୍ୟମ ଉପରେ ତାଲିମ ଦିଆଯାଇଥିଲା। ଏହି ଅବସରରେ ରଞ୍ଜୀତ ତିର୍କୀ, ସନାତନ ତନ୍ତି, ଗୁଣାତ୍ମକ ଶିକ୍ଷା ବିଷୟରେ ବୁଝାଇଥିଲେ। ତାଲିମଦାତା ମହିଳା ସଂଗ୍ରାମ ସମିତିର ଜିଲାସ୍ତରୀୟ କର୍ମୀ ରୀନା ବେହେରା ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ତାଲିମ ଦେଇଥିଲେ। ସାମାଜିକ ଗଣମାଧମ ଉପରେ ବର୍ଷା ବାହିନୀର କର୍ମୀ ବୈକୁଣ୍ଠ ସିଂ, ରାଜେନ୍ଦ୍ର ସିଂ କହିଥିଲେ। କୁତ୍ରା ବ୍ଲକର କୋଡିନେଟର ସୁରେଖା ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ଧାରରେ ବ୍ଲକରୋଡ଼ବାସୀ

**କୁଆଁରମୁଣ୍ଡା, ୨୫।୬(ଡି.ଏନ.ଏ.)**

### ଜଳୁନି ହାଇମାଷ୍ଟ ସୋଲାର

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ରୋଡଟି ଦୀର୍ଘ ଦିନ ଧରି ଅନ୍ଧାରରେ ରହୁଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ସୋଲାର ଆଲୋକୀକରଣ ଅଚଳ ହୋଇପଡିଥିବାରୁ ବ୍ଲକରୋଡ ଅନ୍ଧାରରେ ରହୁଛି। ହେଲେ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। କୁଆଁରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ଛାତ ଉପରେ ଉଜ୍ଜ୍ୱଳ ଆଲୋକବିଶିଷ୍ଟ ସୋଲାର ଲାଇଟ୍ ଲାଗିବା ପରେ କିଛି ମାସ ପାଇଁ ସମଗ୍ର ବ୍ଲକରୋଡ଼ଟି ଆଲୋକିତ ହେଉଥିଲା। ହେଲେ ଉକ୍ତ ଆଲୋକୀକରଣ ବ୍ୟବସ୍ଥାରେ ୨ଟି ଏଲଇଡି ଲାଇଟ୍ ଥିବାବେଳେ ଆରମ୍ଭରୁ ମାତ୍ର ୨ମାସ ମଧ୍ୟରେ ଗୋଟିଏ ଲାଇଟ୍ ଖରାପ ହୋଇଯାଇଥିଲା। ତେବେ ଗୋଟିଏ ଲାଇଟ୍‌ରେ ମଧ୍ୟ ରାସ୍ତାଟି ଏକ ପ୍ରକାର ଆଲୋକିତ ହେଉଥିଲା। ହେଲେ ଏବେ ଉକ୍ତ ଲାଇଟ୍ ଖରାପ ହୋଇଯିବାରୁ ସମଗ୍ର ବ୍ଲକରୋଡ଼ ଅନ୍ଧାରରେ ରହୁଛି। ଏବେ ବର୍ଷା ଋତୁ ଆରମ୍ଭ ହେବା ସହ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାରରେ ରହିବା ଯୋଗୁ ଅଞ୍ଚଳରେ ଅନେକ ଅସାମାଜିକ କାର୍ଯ୍ୟ ଘଟୁଛି। ଏହି ରାସ୍ତା ପାର୍ଶ୍ୱରେ ମଧ୍ୟ ଏକ ଶିଶୁ ଉଦ୍ୟାନ ଅଛି। ମାତ୍ର ଅନ୍ଧାରର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ଉକ୍ତ ଉଦ୍ୟାନ ବା ପାର୍କରେ ପଶି ମଦ୍ୟପାନ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ଘଟାଇବା ପାଇଁ ଯୋଜନା କରୁଛନ୍ତି। ମିଳିଥିବା ଖବର ଅନୁଯାୟୀ ପ୍ରାୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟରେ ଉକ୍ତ ସୋଲାର ଲାଇଟ୍ ଲଗାଯାଇଯାଇଥିଲା। ମାତ୍ର ବର୍ଷେ ଭିତରେ ଉକ୍ତ ଲାଇଟ୍ ଖରାପ ହୋଇ ଅଚଳ ହୋଇପଡିଛି। ହେଲେ ଏଥିପ୍ରତି ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏବେ ବ୍ଲକରୋଡ଼ବାସୀ ଅନ୍ଧାରରେ ରହୁଛନ୍ତି। ଏ ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଉକ୍ତ ସୋଲାର ଲାଇଟ୍‌କୁ ମରାମତି କରାଇବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ସରକାରୀ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ

**ସୁନ୍ଦରଗଡ଼,୨୫।୬(ଡି.ଏନ.ଏ.)**

### ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ନେଇ ଆଲୋଚନା

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଚଳିତ ବର୍ଷର ପ୍ରଥମ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ଅଧ୍ୟକ୍ଷ ଡାକ୍ତର ଦିଲୀପ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ସ୍ୱାଗତ ଅଭିଭାଷଣ ସହ ଗତବର୍ଷ ହୋଇଥିବା ବିଭିନ୍ନ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏହି ବୈଠକରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ମଧ୍ୟରେ ମହାବିଦ୍ୟାଳୟର ପାଚେରୀ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯିବା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜମିଜମା ସଂକ୍ରାନ୍ତୀୟ ବର୍ତ୍ତମାନ ସ୍ଥିତି, ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା, ନୂତନ ଗ୍ରନ୍ଥାଗାର ନିର୍ମାଣ, ୬୦କମ୍ପ୍ୟୁଟର ଥିବା ନୂତନ ଲ୍ୟାବ, ପୁରାତନ ପିଜି ବିଭାଗ କୋଠାକୁ କଲେଜର ଏନସିସି, ଏନଏସଏସ ଓ ଯୁବ ରେଡକ୍ରସ କାର୍ଯ୍ୟାଳୟ ପାଇଁ ସ୍ଥିର କରାଯାଇଥିଲା। ସର୍ବୋପରି ମହାବିଦ୍ୟାଳୟର ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିସହିତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ସକାଶେ ବୈଠକରେ ସ୍ଥିର ହୋଇଥିଲା। ଏହି ବୈଠକରେ ଡ.ଚିରବ୍ରତ ଦତ୍ତ, ଆଡଭୋକେଟ ଅଶୋକ କୁମାର ସ୍ୱାଇଁ, ସୁମନ୍ତ ପଣ୍ଡା, ବିଶ୍ୱରଞ୍ଜନ ହୋତା, ସୟଦ ସେହେବାଜ ହୁସେନ, ପ୍ରାଧ୍ୟାପକ ବୀରେନ୍ଦ୍ର କୁମାର ପଟେଲ, ଅଧ୍ୟାପକ ଆଲୋକ ନାଏକ, ପ୍ରଦୀପ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିଚାଳନା କମିଟି ସଭ୍ୟା ତଥା ବରିଷ୍ଠ ପ୍ରାଧ୍ୟାପିକା ଡ.କୁମୁଦିନୀ ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଖତକୁରବାହାଲ ଖଣି ବନ୍ଦ କଲେ ଗ୍ରାମବାସୀ

**କୁତ୍ରା, ୨୫।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ପଞ୍ଚାୟତ ତେଲିଘନାଠାରେ ରହିଛି ଜେଏସ୍‌ଡବ୍ଲ୍ୟୁ କାରଖନା। ଏହାର ଖଣି ରହିଛି ଖତକୁରବାହାଲ ଠାରେ। ତେବେ ଏହି ଖଣିକୁ ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ବନ୍ଦ କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ କମ୍ପାନୀ ପକ୍ଷରୁ ସେମାନଙ୍କୁ କୌଣସି ସୁବିଧା ସୁଯୋଗ ମିଳୁନାହିଁ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ତ ଦୂରେ ଥାଉ ସେମାନଙ୍କ କଥାକୁ ମଧ୍ୟ କର୍ଣ୍ଣପାତ କରାଯାଉ ନାହିଁ। ଗ୍ରାମର ନିର୍ଦ୍ଦିଷ୍ଟ ୪ ରୁ ୫ ଜଣଙ୍କୁ କେବଳ କମ୍ପାନୀ ଦେଖୁଛି ଏବଂ କାହାକୁ ପଚାରୁ ନ ଥିବା କହିଛନ୍ତି। ତା' ସହିତ ଖଣିରେ ବିସ୍ଫୋରଣ ଯୋଗୁ ଗ୍ରାମର ଲୋକଙ୍କ ଘର ଭାଙ୍ଗି ଯାଉଥିବା, ଗ୍ରାମରେ ଥିବା ପ୍ରାୟ ୧୫ରୁ ଊର୍ଦ୍ଧ୍ୱ କୂଅ ବିସ୍ଫୋରଣ ପାଇଁ ଶୁଖି ଯାଉଥିବାର ଅଭିଯୋଗ କରୁଛନ୍ତି। ଗ୍ରାମର ପନ୍ନାଲାଲ ସାହୁ, ଲେପା ସାହୁ, ବେଦ ସାହୁ, ଧ୍ରୁବି ସାହୁ, ଇଲିଆସ ଡୁଙ୍ଗଡୁଙ୍ଗ, ଫୁଲନ ସାହୁ, ସବାନ ଖାନ, ମହମ୍ମଦ ସାହିଦ, ପିଲୁ ସାହୁ, ସୁଦର୍ଶନ ବୁଡା ପ୍ରମୁଖଙ୍କ କୂଅ ସମ୍ପୂର୍ଣ୍ଣ ଶୁଖିଯାଇଛି। ଫଳରେ ପାଣି ପାଇଁ ହାହାକାର ହେଉଥିବା କହିଛନ୍ତି। ସେହିଭଳି ଗ୍ରାମର କାର୍ତ୍ତିକ ସାହୁ, କ୍ରିଷ୍ଣା ସାହୁ, ବେଦ ସାହୁ, କରନ ସାହୁ, ଲାଲୋ ସାହୁଙ୍କ ଘର ଫାଟିଯାଇଥିବାର ଦେଖିବାକୁ ମିଳିଛି। ସେମାନଙ୍କର ଦାବିଗୁଡିକ ହେଲା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ, ଠିକ୍ ଭାବରେ ବିସ୍ଫୋରଣ କରିବା। ଯେମିତି କି କାହାରି କିଛି କ୍ଷତି ହେବ ନାହିଁ। ଏଣୁ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମବାସୀଙ୍କ ଦାବି ପୂରଣ କରିବା ସହିତ ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।



ଖତକୁରବାହାଲ ଠାରେ ଗ୍ରାମବାସୀ ଖଣି ବନ୍ଦ କରିଛନ୍ତି।

## ସନାତନପାଲି ଶୀତଳ ଭଣ୍ଡାରରୁ ଚୋରି

ପଡ଼ିଆବାହାଲ (ଡି.ଏନ.ଏ.): ଯୁଯୁମୁରା ବ୍ଲକ ସଦର ଥାନା ଅନ୍ତର୍ଗତ ସନାତନ ପାଲିସ୍ଥିତ ସୌର ଚାଳିତ ଶୀତଳ ଭଣ୍ଡାରରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ଇନଭର୍ଟର ଓ ଆଠଟି ବଡ଼ ବ୍ୟାଟେରି ଚୋରି ହୋଇଛି। ଶୁକ୍ରବାର ସକାଳୁ ଏହା ଜଣା ପଡିବା ପରେ ଗ୍ରାମବାସୀ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ଥିବା ସୌର ଚାଳିତ ଧାନ କଳରେ ଆଖପାଖ ଦଶ ବାରଟି ଗ୍ରାମବାସୀ ଉପକୃତ ହେଉଥିଲେ। ବ୍ୟାଟେରି ଓ ଇନଭର୍ଟର ଚୋରିହେବା ଫଳରେ ଶୀତଳଭଣ୍ଡାର ସହ ଧାନକଳ ମଧ ଅକାମି ହୋଇପଡିଛି।

## ସଂକ୍ଷେପରେ

### ଖାଦ୍ୟରେ ବିଷ ମିଶାଇଥିବା ସନ୍ଦେହ

**ଜମନକିରା, ୨୫।୬(ଡି.ଏନ.ଏ.):** ଜମନକିରା ଥାନା ଟିଁକିବା ପଞ୍ଚାୟତ ଖଇରଡିହି ଗ୍ରାମର ଜଣେ ବୃଦ୍ଧାଙ୍କୁ ଖାଦ୍ୟରେ କେହି ବିଷ ମିଶାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଗ୍ରାମର ଗୁରୁବାରି ମୁଣ୍ଡା(୭୦) ଶୁକ୍ରବାର ମଧ୍ୟାହ୍ନରେ ରୋଷେଇ ସାରି ଗାଧୋଇବା ପାଇଁ ଯାଇଥିଲେ। କିଛିସମୟ ପରେ ସାଙ୍ଗରେ ରହୁଥିବା ୧୪ବର୍ଷର ତାଙ୍କ ନାତୁଣୀ ଉକ୍ତ ଖାଦ୍ୟ ଖାଇଥିଲେ। ସେ ଥରେ ଦି'ଥର ଖାଇବା ପରେ ଖାଦ୍ୟରୁ ଉତ୍କଟ ଗନ୍ଧ ବାହାରୁଥିବା ଜାଣିଥିଲେ। କିଛି ସମୟ ପରେ ତାଙ୍କର ବାନ୍ତି ହୋଇଥିଲା ଓ ସେ ଅସୁସ୍ଥ ଅନୁଭବ କରି ଶୋଇ ଯାଇଥିଲା। ଗୁରୁବାରି ଘରକୁ ଆସି ନାତୁଣିଠାରୁ ସବୁକଥା ଶୁଣି ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ଗନ୍ଧ ବାହାରୁଥିବା ଖାଦ୍ୟରେ ବିଷ ମିଶା ଯାଇଥିବା ସନ୍ଦେହ କରିଥିଲେ। ପରେ ଗୁରୁବାରି ଏ ନେଇ ଜମନକିରା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଯାହାକିଛି ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ତ୍ରିବେଣୀ ପ୍ରଧାନ କହିଛନ୍ତି।

### କୁଚିଣ୍ଡାରେ ରଥଯାତ୍ରା ପ୍ରସ୍ତୁତି ବୈଠକ

**କୁଚିଣ୍ଡା,୨୫।୬(ଡି.ଏନ.ଏ.):** କୁଚିଣ୍ଡାରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଳନ ନିମନ୍ତେ ମନ୍ଦିର କମିଟି ପକ୍ଷରୁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟି ସତୁଲ୍ୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଫକିର ମୋହନ ବରିହା, ଧୀରେନ୍ଦ୍ର ମହାନ୍ତି, ରାଜେନ୍ଦ୍ର ସୋନି, ଗଗନ ଶର୍ମା, ପୂଜକ ପ୍ରଦୀପ୍ତ ଶର୍ମା, ଚିନ୍ତାମଣି ଶର୍ମା, ପୂର୍ଣ୍ଣ ଚନ୍ଦ୍ର ଦାସ, ଦୌଲତ ଶର୍ମା, ତପନ ମହାପାତ୍ର, ପ୍ରେମଚାନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ରଥଯାତ୍ରା ଓ ବାହୁଡାଯାତ୍ରା ଯେପରି ଶୃଙ୍ଖଳିତ ଢଙ୍ଗରେ ପାଳନ କରାଯିବ ସେ ଉପରେ ଆଲୋଚନା କରିଥିଲେ। ମହାମାରୀ କରୋନା ଯୋଗୁ ଦୁଇବର୍ଷ ଧରି ଏହି ଯାତ୍ରା ବନ୍ଦ ରହିଥିବାରୁ ଚଳିତ ଯାତ୍ରାରେ ଭକ୍ତଙ୍କ ଅଧିକ ସମାଗମକୁ ଦୃଷ୍ଟିରେ ରଖି ଶୃଙ୍ଖଳାର ସହ କିପରି ପରିଚାଳିତ ହେବ ସେ ସମ୍ପର୍କରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା।

### ଭାଜପା ରାଷ୍ଟ୍ରୀୟ ଅଧକ୍ଷଙ୍କୁ ଭେଟିଲେ ଜୟ, ନାଉରୀ

**ସମ୍ବଲପୁର,୨୫।୬ (ବ୍ୟୁରୋ):** ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଡା. ଜଗତ ପ୍ରସାଦ ନଡ୍ଡାଙ୍କୁ ଦିଲ୍ଲୀରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକ ସାକ୍ଷାତ କରିଛନ୍ତି। ପ୍ରାୟ ଅଧଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟ ସଂଗଠନକୁ ଆହୁରି ମଜଭୁତ କରିବା, ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା, ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ କାର୍ଯ୍ୟ ଲୋକଲୋଚନକୁ ଆଣିବା ବିଷୟରେ ଚର୍ଚ୍ଚା ହୋଇଥିଲା। ଶେଷରେ ଉଭୟ ବିଧାୟକ ତାଙ୍କୁ ଓଡ଼ିଶା ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ଖୁବଶୀଘ୍ର ସେ ଓଡିଶା ଗସ୍ତରେ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଭାଜପା କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ଶନିବାର ସୂଚନା ଦେଇଛନ୍ତି।

### କଲ୍ୟାଣ ମଣ୍ଡପରେ ସିସିଟିଭି ବ୍ୟବସ୍ଥା ଦାବି

**ସମ୍ବଲପୁର,୨୫।୬ (ବ୍ୟୁରୋ):** ସମ୍ବଲପୁର ସହରରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଅସାମାଜିକ ତତ୍ତ୍ୱଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜିଲା ପୋଲିସ ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଦାବି କରିଛନ୍ତି। ଅପରପକ୍ଷେ ବିବାହ ମଣ୍ଡପ ଗୁଡିକରେ ମଧରାତ୍ରରେ ଚୋରି ଓ ରାହାଜାନି ନିୟମିତ ହେଉଥିବା ନଜରକୁ ଆସୁଛି। ଏହି ବିଷୟରେ ଅଭିଯୋଗ ପରେ ମଧ ପୋଲିସ ସେମିତି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ତେଣୁ ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ବିବାହ ସ୍ଥଳ ଓ କଲ୍ୟାଣ ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଗଲେ ଅପରାଧମୂଳକ ମାର୍ଯ୍ୟ ରୋକାଯାଇପାରିବ ବୋଲି ପ୍ରେସ ବିବୃତିରେ କହିଛନ୍ତି। ସୂଚନାଯୋଗ୍ୟ ଗତ ୨୩ ତାରିଖରେ ନନ୍ଦପଡା ମିଶ୍ର ପରିବାରର ଝିଅ ବିବାହ ଉତ୍ସବ କମଲିବଜାର ପାଟନେଶ୍ୱର କଲ୍ୟାଣ ମଣ୍ଡପଠାରେ ହୋଇଥିଲା। ବିବାହ ଚାଲିଥିବା ବେଳେ ପ୍ରାୟ ୫ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଉପହାର ଚୋରି ହୋଇଥିଲା। ଏ ନେଇ ୨୪ତାରିଖରେ ମହେନ୍ଦ୍ର କୁମାର ମିଶ୍ର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଶାସନ କେନାଲ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

### ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବଙ୍କ ସମ୍ବଲପୁର ଗସ୍ତ

**ସମ୍ବଲପୁର,୨୫।୬(ବ୍ୟୁରୋ)**

ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଅନୁ ଗର୍ଗଙ୍କ ୩ ଦିନିଆ ସମ୍ବଲପୁର ଜିଲା ଗସ୍ତ ଶନିବାର ଶେଷ ହୋଇଛି। ସେ ଜଳ ସମ୍ପଦ ବିଭାଗ ଅଧୀନରେ ଚାଲିଥିବା ଉନ୍ନୟନ କାମ ସମୀକ୍ଷା କରିବା ସହ ବୁଲି ଦେଖିଥିଲେ। ଏହା ମଧ୍ୟରେ ହୀରାକୁଦ ଜଳଭଣ୍ଡାର ନିର୍ମାଣାଧୀନ ଅତିରିକ୍ତ ସ୍ପିଲୱେ, ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ଶାସନ କେନାଲ ନବୀକରଣ କାମ, ଧୋବିଯୋର ନାଳ, ସମଲେଇ ଘାଟ ପ୍ରଭୃତି ପ୍ରକଳ୍ପ ରହିଥିଲା। ଶାସନ କେନାଲ କଂକ୍ରିଟକରଣ ପ୍ରକଳ୍ପର ପ୍ରାୟ ୪କି.ମି. ଶେଷ ହୋଇଛି। ଏଠାରେ କେତେ ପରିମାଣ ପାଣି ପ୍ରବାହିତ ହେଉଛି ତାହା ଦେଖିଥିଲେ ଓ ବାକି ଥିବା କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଧୋବିଯୋର ନାଳ ପରିଦର୍ଶନ କରି ଆର୍‌ଡିସି ସୁରେଶ ଚନ୍ଦ୍ର ଦଲେଇଙ୍କୁ ନାଳ ଉପରେ ଥିବା ଜବରଦଖଲ ଉଚ୍ଛେଦ କରାଯାଉ, ଫଳରେ ଆହୁରି ଉନ୍ନତି କରାଯିବ ପାଇଁ ଅନୁଦାନ ଦିଆଯିବ ବୋଲି କହିଥିଲେ। ପରେ ସମଲେଇ ଯୋଜନାରେ ଚାଲିଥିବା ସମଲେଇ ଘାଟ କାମ ବୁଲି ଦେଖିଥିଲେ। ସେଠାରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଶୀଘ୍ର କାମ ଆରମ୍ଭ କରି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନନ୍ୟା ଦାସ, ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁଙ୍କ ସମେତ ଜଳସେଚନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।


ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଅତିରିକ୍ତ ସଚିବ।

# ଭାଜପା ପାଳିଲା କଳା ଦିବସ

**ଝାରସୁଗୁଡ଼ା ଅଫିସ,୨୫।୬**

କଂଗ୍ରେସ ଶାସନକାଳ ମଧ୍ୟରେ ୧୯୭୫ମସିହା ଜୁନ୍ ୨୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଗଣତନ୍ତ୍ରର ଆଇନ ଉଲ୍ଲଂଘନ କରି ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଏହାକୁ ସେତେବେଳେ ଦେଶବାସୀ ବିରୋଧ କରିବା ଫଳରେ କେତେଜଣ ନେତାଙ୍କୁ ବେଆଇନ ଭାବେ ଗିରଫ କରାଯାଇ ଜାମିନ ଦିଆଯାଇ ନ ଥିଲା। ଏପରି ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସରକାରୀ କଳର ଅପବ୍ୟବହାର କରି ନିର୍ବାଚନ କରାଇ ପ୍ରଧାନମନ୍ତ୍ରୀ ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ରାଜ ନାରାୟଣ ଆହ୍ଲାବାଦ ଉଚ୍ଚନ୍ୟାୟଳୟରେ ଅଭିଯୋଗ କରିବା ପରେ ତତ୍କାଳୀନ ବିଚାରପତି ଜଗମୋହନ ଲାଲ ସିହ୍ନା ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ। ତଥାପି ଇନ୍ଦିରା ଗାନ୍ଧୀ ଇସ୍ତଫା ନ ଦେଇ ମନମୁଖୀ ଶାସନ କରିଥିଲେ। ଦେଶବ୍ୟାପୀ ଆନ୍ଦୋଳନ ହେବାପରେ ସାଧାରଣ ନିର୍ବାଚନ ପାଇଁ ଇନ୍ଦିରା ଗାନ୍ଧୀ ସ୍ୱୀକୃତି ଦେଇଥିଲେ। ଏହି ଦିବସକୁ ସ୍ମରଣ କରିବାପାଇଁ ଭାଜପା ତରଫରୁ ଏହାକୁ କଳା ଦିବସ ଭାବେ ପାଳନ କରିଆସୁଛି। ଏହି ଅବସରରେ ଜିଲା ଭାଜପା ତରଫରୁ ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ବେଲପାହାଡ ସହରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଉପସଭାପତି ସଞ୍ଜୟ ସିଂହ, ଜିଲା ମହିଳା ମୋର୍ଚ୍ଚା ଉପସଭାପତି ମଞ୍ଜରୀ ପୃଷ୍ଟି, ଏମ୍‌ପି ପ୍ରତିନିଧି ତପନକାନ୍ତ ଜେନା, ବେଲପାହାଡ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରେମ ପ୍ରକାଶ ସିଂହ, ଜିଲା ଯୁବମୋର୍ଚ୍ଚା ଉପସଭାପତି ବିଶାଳ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ


ଥାନା ପରିସରରେ ଅନୁଷ୍ଠିତ ମିଳିତ ବୈଠକ।

**ରେଢ଼ାଖୋଲ,୨୫।୬(ଡି.ଏନ.ଏ.)**

ସମ୍ବଲପୁର-ଅନୁଗୋଳ ୫୫ନଂ ଜାତୀୟ ରାଜପଥର ନିର୍ମାଣାଧୀନ ଚାରିଥାକିକା ରାସ୍ତା ମରଣଯନ୍ତା ପାଲଟିଥିବା ନେଇ ରେଢ଼ାଖୋଲ ନାଗରିକ କମିଟି ପକ୍ଷରୁ ଆସନ୍ତା ୨୮ ତାରିଖରେ ରାସ୍ତାରୋକୋ କରିବାକୁ ଚେତାବନୀ ଦିଆଯାଇଥିଲା। ଶନିବାର ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରେଢ଼ାଖୋଲ ଆସି ନାଗରିକ କମିଟି ଓ ପ୍ରଶାସନିକ ଅଧିକାରୀଙ୍କ ସହ ଥାନା ପରିସରରେ ବୈଠକ କରିଥିଲେ। ଜୁଲାଇ ୩୦ ସୁଦ୍ଧା ୫୫ନଂ ଜାତୀୟ ରାଜପଥର ବାମୁରଠାରୁ ସମ୍ବଲପୁର ପର୍ଯ୍ୟନ୍ତ ମରାମତି କାର୍ଯ୍ୟ କରାଯିବାକୁ ଏନ୍‌ଏଚ୍‌ଏଆଇ ଲିଖିତ ପ୍ରତିଶ୍ରୁତି ଦେବାପରେ ନାଗରିକ କମିଟି ରାସ୍ତାରୋକ ଆନ୍ଦୋଳନକୁ ସ୍ଥଗିତ ରଖିବା ନେଇ ସୂଚନା ଦିଆଯାଇଛି। ବୈଠକରେ ଉପଜିଲାପାଳ ପବିତ୍ର ବେହେରା, ଏସ୍‌ଡିପିଓ ପ୍ରଶାନ୍ତ ମେହେର, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ଓକିଲସଂଘ ସଭାପତି ଅଭୟ କୁମାର ବୀର, ଆଇନଜିବି ଗଣେଶ୍ୱର ପ୍ରଧାନ, ବିଜେଡି ଜିଲା ଉପସଭାପତି ଅନାଦି ସାହୁ, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏଚ୍‌ଏଆଇର ସୁରକ୍ଷା ଅଧିକାରୀ ଇଂ ଚନ୍ଦନ କୁମାର ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିବା ପରେ ନାଗରିକ କମିଟି ସହମତି ପ୍ରକାଶ କରିଥିଲା। ସୂଚନାଯୋଗ୍ୟ ଚାରିଥାକିଆ ରାସ୍ତା କାର୍ଯ୍ୟ ସାରିବାକୁ ବାରମ୍ବାର ଦାବି କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ନାଗରିକ କମିଟି ରାସ୍ତାରୋକୋ କରିବାକୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲା। ଅପରପକ୍ଷେ ବର୍ଷାଋତୁରେ କିଭଳି ରାସ୍ତା ମରାମତି ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ଜିଲାପାଳଙ୍କ କୁଚିଣ୍ଡା ଗସ୍ତ, ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

**କୁଚିଣ୍ଡା,୨୫।୬(ଡି.ଏନ.ଏ.)**

ସମ୍ବଲପୁରରେ ନୂତନ ଭାବେ ଯୋଗଦେଇଥିବା ଜିଲାପାଳ ଅନନ୍ୟା ଦାସ ଶନିବାର କୁଚିଣ୍ଡା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। କୁଚିଣ୍ଡାରେ ନିର୍ମାଣାଧୀନ ସ୍ମାର୍ଟ ପାର୍କ, ମୁକୁନ୍ଦି ଷ୍ଟାଡିୟମ, ଫରେଷ୍ଟପାର୍କ ସହ ୫-ଟିରେ ରୂପାନ୍ତରିତ ବାଳକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ମନ୍ତ୍ରୀମୁଣ୍ଡାଠାରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ, ତେଲିତିଲେଇମାଲ ପଞ୍ଚାୟତ ଲାଇବ୍ରେରି ହଲ, ଟାଇଁସର ପଞ୍ଚାୟତରେ ନିର୍ମିତ ପାର୍କ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କୁଲାଙ୍ଗଯୋରରେ ପରିଚାଳିତ ଆମ୍ବ ଓ ଲଙ୍କାମରିଚ ଉତ୍ପାଦନ ୟୁନିଟ୍ ବୁଲି ଦେଖିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲ, କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କ ସମେତ ବିଭିନ୍ନ ଅଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ କୁଚିଣ୍ଡାରେ ଥିବା ଜିଲାର ଏକମାତ୍ର ଏକଲବ୍ୟ ଆଦିବାସୀ ଆବାସିକ ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ନେଇ ଅଭିଭାବକ ସଂଘ ସଭାପତି ନରେନ୍ଦ୍ର ବାଘଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।


ରୂପାନ୍ତରଣ ହାଇସ୍କୁଲରେ ପିଲାଙ୍କ ସହ ଜିଲାପାଳ।

# ଚଳନ୍ତା ଟ୍ରେନ୍‌ରୁ ଖସି ହାତଗୋଡ଼ ହରାଇଲେ ଯୁବକ

**ରାଉରକେଲା ଅଫିସ,୨୫।୬**

ରାଉରକେଲାରେ ଏକ ଚଳନ୍ତା ଯାତ୍ରୀବାହୀ ଟ୍ରେନରୁ ଖସିପଡି ଜଣେ ଯୁବକ ହାତଗୋଡ ହରାଇଛନ୍ତି। ବନ୍ଧମୁଣ୍ଡା ଜିଆରପି ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଛି। ଉକ୍ତ ଯୁବକ ହେଲେ ପଶ୍ଚିମବଙ୍ଗ ମାହ୍ଲାରପୁର ଗ୍ରାମର ଆଶିଷ ଦାସ(୩୦)। ସୂଚନା ଅନୁସାରେ, ଆଶିଷ ଶୁକ୍ରବାର ରାତି ସାଢ଼େ ୯ଟାରେ କଲିକତା ହାୱଡା ଷ୍ଟେଶନରୁ ସାଲିମାର ସୁପରଫାଷ୍ଟ ଟ୍ରେନରେ ଚଢି ଉତ୍ତର ପ୍ରଦେଶର ଏକ ଠିକା ସଂସ୍ଥାରେ କାମ କରିବାକୁ ଯାଉଥିଲେ। ଟ୍ରେନଟି ଶନିବାର ଭୋର୍ ସାଢ଼େ ୫ଟାରେ ରାଉରକେଲା ରେଳ ଷ୍ଟେଶନର ବନ୍ଧମୁଣ୍ଡା ଫଟାପାଇପ୍ ନିକଟରେ ଲାଇନ କ୍ଲିଅର ନ ଥିବାରୁ ଅଟକିଥିଲା। ଏହି ସମୟରେ ଆଶିଷ ଟ୍ରେନର ଜେନେରାଲ ବଗି କବାଟ ପାଖରେ ଆସି ବସିଥିଲେ। ପରେ ଟ୍ରେନ ଛାଡିବା ବେଳେ କୌଣସି କାରଣରୁ ସେ ଖସିପଡିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଉଡ଼ାନ ଚୁକ୍ତିନାମା ସ୍ୱାକ୍ଷର

**ସମ୍ବଲପୁର,୨୫।୬(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ କାର୍ଯ୍ୟାଳୟରେ ଶନିବାର ଟିପିଡବ୍ଲ୍ୟୁଓଡିଏଲ୍ ଓ ଇନୋଡ ଟେକ ସଲ୍ୟୁଶନ ମଧ୍ୟରେ ଉଡ଼ାନ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏ ନେଇ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି, ଇନୋଡ ଟେକ୍ ସଲ୍ୟୁଶନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଯୋଜିତ ଅଗ୍ରଣୀ କୌଶଳି ପ୍ରଶିକ୍ଷଣ ଏବଂ ତାଲିମ ଶିକ୍ଷାଦାନ ସଂସ୍ଥା। ଚୁକ୍ତିନାମା ଯୋଗୁ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ନିୟୋଜିତ ବ୍ୟବସାୟିକ ସହଯୋଗୀଙ୍କ କର୍ମଚାରୀଙ୍କ ଦକ୍ଷତା, ଯୋଗ୍ୟତା, କୌଶଳି କାରିଗରୀ ଉପରେ ତାଲିମ ପ୍ରଦାନ କରାଯିବ। ଏହାଦ୍ୱାରା କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ହୋଇପାରିବ। ବ୍ୟବସାୟିକ ସହଯୋଗୀଙ୍କ ଦ୍ୱାରା କାର୍ଯ୍ୟରତ ସହସ୍ରାଧିକ କର୍ମଚାରୀଙ୍କ ଦକ୍ଷତା ବିକାଶ ଯୋଗୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିୟମିତ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବାରେ ସହାୟକ ହେବ। ଯଦି କୌଣସି କାରଣବଶତଃ କର୍ମଚାରୀମାନେ ବିଭିନ୍ନ କୁଶଳୀ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କର ଯୋଗ୍ୟତା, ଦକ୍ଷତା କ୍ଷେତ୍ରରେ ଏହି ପଦକ୍ଷେପ ସହଯୋଗ କରିବ। ଏଥିସହ ସହାୟକ ଦ୍ୱାରା ନିୟୋଜିତ କର୍ମଚାରୀଙ୍କୁ ସୁରକ୍ଷା, ନୀତିଶାସ୍ତ୍ର ଓ ଗ୍ରାହକ ସେବା ଉପରେ ତାଲିମ ପ୍ରଦାନ କରାଯିବ ବୋଲି ଗଜାନନ କହିଛନ୍ତି।



ଚୁକ୍ତିନାମା ସ୍ୱାକ୍ଷର ସମୟରେ ଉପସ୍ଥିତ ଅଧିକାରୀ।

# ବୋଲେରୋ ଦୁର୍ଘଟଣା: ଜଣେ ମୃତ,୩ ଗୁରୁତର

**ଲହୁଣୀପଡ଼ା,୨୫।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଝାରବେଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଗଛରେ ବୋଲେରୋ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ତିନିଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ଚାନ୍ଦିପୋଷ ଥାନା ଅନ୍ତର୍ଗତ ବି ଝାରବେଡା ଗ୍ରାମର ଚାମରା ଓରାମଙ୍କ ପୁଅ ବିକାଶ (୧୯)ଲାଦୁରା ମୁଣ୍ଡାଙ୍କ ପୁଅ ଜିତେନ୍ଦ୍ର (୨୦), ଜହନ ତିର୍କୀଙ୍କ ପୁଅ ବିପଲ (୨୪), ମହୁପଦା ଗ୍ରାମର ସ୍ୱର୍ଗତ ଠିବୁ ଓରାମଙ୍କ ପୁଅ ରାଜେଶ (୧୮) ଏକ ବୋଲେରୋ ଓଡ଼ି ୧୪ଡ଼ି-୯୯୪୫ ଯୋଗେ ରେହ୍ଲାତୁ ଗ୍ରାମରୁ ବି ଝାରବେଡା ଗ୍ରାମକୁ ଫେରୁଥିବା ବେଳେ ବୋଲେରୋଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛକୁ ଶକ୍ତ ଧକ୍କା ଦେଇ ଓଲଟି ପଡିଥିଲା। ଫଳରେ ଏମାନେ ଗୁରୁତର ଆହତ ହୋଇଥିବାବେଳେ ବିପଲ ତିର୍କୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଚିକିତ୍ସା କରିବା ପାଇଁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ଚାନ୍ଦିପୋଷ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଶନିବାର ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାସ୍ଥଳରୁ ବୋଲେରୋକୁ ମଧ ଜବତ କରିଛି। ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଚାନ୍ଦିପୋଷ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଲାୟନ୍ସ କ୍ଲବ ପକ୍ଷରୁ ଅମ୍ଳଜାନ କନ୍‌ସେନ୍‌ଟ୍ରେଟର ପ୍ରଦାନ

**ସମ୍ବଲପୁର,୨୫।୬ (ବ୍ୟୁରୋ)**

ହୀରାକୁଦ ଗାନ୍ଧୀ ନଗରରେ ରହୁଥିବା ଝାପ ରାୟ କିଛିଦିନ ଧରି ଶ୍ୱାସ ଜନିତ ସମସ୍ୟା ଭୋଗୁଥିଲେ। ତାଙ୍କୁ ଲଗାତର ଭାବେ ଅମ୍ଳଜାନ ଦରକାର ପଡୁଥିଲା। ଆର୍ଥିକ ସମସ୍ୟା ଯୋଗୁ ସହାୟତା ଲାଗି ସେ ଲାୟନ୍ସ କ୍ଲବ ଅଫ ହୀରାକୁଦ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଏହାପରେ ଶନିବାର କ୍ଲବ ପକ୍ଷରୁ ତାଙ୍କୁ ଅମ୍ଳଜାନ କନ୍‌ସେନ୍‌ଟ୍ରେଟର ଯୋଗାଇ ଦିଆଯାଇଛି। ସଭାପତି କାର୍ତ୍ତିକ କଲେତଙ୍କ ପରିଚାଳନାରେ ପୂର୍ବତନ କ୍ଲବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସମ୍ପାଦକ ଅଶୋକ ପଟ୍ଟନାୟକ, କୋଷାଧକ୍ଷ ବିଳାସିନୀ ନାୟକ, ଉତ୍ତମ କାଞ୍ଜିଆ, ମୃତ୍ୟୁଞ୍ଜୟ ସ୍ୱାଇଁ, ସମୀର ଲୁହା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ବିଲୋପ ଉପରେ ଗୁରୁତ୍ୱ



ବୈଠକରେ ଯୋଗଦେଇଥିବା ଅଧିକାରୀ।

**ନାକଟିଦେଉଳ,୨୫।୬(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ଓ ଚାଇଲ୍ଡ ଲାଇନ ମିଳିତ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ବିଡ଼ିଓ ବିବେକାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟକ୍ରମ ଅଧିକାରୀ ସରିତା ମହାପାତ୍ର, ରେଢ଼ାଖୋଲ ଚାଇଲ୍ଡ ଲାଇନର ସଞ୍ଜୟ ସାଗର, ସଞ୍ଜୀବ କୁମାର ନନ୍ଦ, ନାକଟିଦେଉଳ ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟତଃ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା, ବାଲ୍ୟ ବିବାହ ଆଇନ ଓ ଏହାକୁ କିପରି ବିଲୋପ କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା ଓ ଚାଲାଣ ଉପରେ ସରକାରୀ ସ୍ତରରେ ରହିଥିବା ଆଇନ ସମ୍ପର୍କରେ ଆଲୋଚନା କରାଯାଇ ଏହାର ନିରାକରଣ ଦିଗରେ ଜନପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି, ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ମାନସ ହୃଦୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ଶେଷରେ ସିଡ଼ିପିଓ ପାଣ୍ଡିଆ ଧନ୍ୟବାଦ ଦେଇଥିଲେ।

# ରାସ୍ତା ପାଇଁ ରାସ୍ତାରୋକୋ

**ଝାରସୁଗୁଡ଼ା ଅଫିସ,୨୫।୬**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଅନ୍ତର୍ଗତ ଅଲଟ୍ରାଟେକ୍ ସିମେଣ୍ଟ କାରାଖାନାର ଭାରିଯାନ ଚଳାଚଳ ଯୋଗୁ ନିକଟସ୍ଥ ଧୁତୁରା ଗ୍ରାମ ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏହା ସହିତ କାରଖାନାର ଧୂଳିଧୂଆଁ ଉଡି ଅଞ୍ଚଳ ପ୍ରଦୂଷିତ ହେବାରେ ଲାଗିଛି। ଏହାଦ୍ୱାରା ଧୁତୁରା, ଅର୍ଡା, ସିଆଲରାମା, ସାରସମାଲ ଆଦି ଗ୍ରାମ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏ ନେଇ ସ୍ଥାନୀୟ ଲୋକେ ଜିଲା ପ୍ରଶାସନ, ବ୍ଲକ୍ ପ୍ରଶାସନ, କାରଖାନା କର୍ତ୍ତୃପକ୍ଷ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଶୁକ୍ରବାର ରାସ୍ତା ଅବରୋଧ କରିଛନ୍ତି।

ଗ୍ରାମର ଶତାଧିକ ମହିଳାପୁରୁଷ ବ୍ୟାନର, ପୋଷ୍ଟର ଧରି ରାସ୍ତାର ଆମ୍ବେଦକର ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କାରଖାନା ବିରୋଧୀ ସ୍ଲୋଗାନ ଦେଇଥିଲେ। ଅନ୍ଦୋଳନ ଯୋଗୁ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପ୍ରଶାସନ ତରଫରୁ କିର୍ମିରା ତହସିଲଦାର ମୁକୁଟମଣି ଖେସ, ଲଇକେରା ଥାନା ଆଇଆଇସି ପ୍ରବୀର କିଶୋର ତ୍ରିପାଠୀ, ବାଗଡିହି ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ଦ୍ୱୀବେଦି ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ରାସ୍ତା ମରାମତି ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଫଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଆନ୍ଦୋଳନ ସକାଳ ୯ଟାରୁ ଆରମ୍ଭ ହୋଇ ୧୨ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଗ୍ରାମର ମୀନକେତନ ଗର୍ଡିଆ, ପ୍ରଦୀପ ବୁଡା, ଦୁଃଖବନ୍ଧୁ ବାଗ୍, ଫଲେନ୍ଦ୍ର ଗର୍ଡିଆ, ଜନସିଂ ତାଣ୍ଡିଆ, ସନ୍ତୋଷ ବାଗ୍, ବୈରାଗୀ ବାଗ୍, ନେପାଳ ବାଗ୍‌ଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।


ଆନ୍ଦୋଳନକାରୀ ପ୍ଲାକାର୍ଡ ଧରି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ରେଳମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ରେଳବାଇର ବିକାଶ ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ବିଧାୟକ ମୁକେଶ ମହାଲିଙ୍ଗ ସାକ୍ଷାତ୍ ଆଲୋଚନା କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ଲାଗି ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ଯୋଗଦେବାକୁ ନୂଆଦିଲୀ ଆସିଥିବା ସମୟରେ ମହାଲିଙ୍ଗ ମନ୍ତ୍ରୀଙ୍କୁ ଭେଟିଥିଲେ। ମୁର୍ମୁଙ୍କ ନାମାଙ୍କନ ପତ୍ରରେ ୫୦ଜଣିଆ ପ୍ରସ୍ତାବକ ମଧ୍ୟରେ ମହାଲିଙ୍ଗ ରହିଛନ୍ତି।

### ସଂକ୍ଷେପରେ

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ସଇଁତଲା,୨୫।୬ (ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ଦେଇ ଯାଇଥିବା ଜାତୀୟ ରାଜପଥ-୨୬ ବରଗାଁ ଛକ ନିକଟ ଲାନ୍ଥନଦୀ ବ୍ରିଜ ଉପରେ ଶନିବାର ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ। ସନ୍ଧ୍ୟାରେ ସଇଁତଲା ପଟୁ ହିରୋ ଏଚଏଫ ଡ଼ିଲକ୍ସ ବାଇକ (ନଂ.ଓଡ଼ି-୦୩-ସି-୦୨୨୬)ରେ ଯୁବକ ଜଣକ ବରଗାଁ ପଟକୁ ଯାଉଥିଲେ। ବ୍ରିଜର ରିପ୍ୟାରିଂ କାମ ପାଇଁ ବିଭିନ୍ନ ସ୍ଥାନରେ ଦିଆଯାଇଥିବା ଲୁହା ଏଙ୍ଗେଲରେ ତାଙ୍କ ବାଇକ ପିଟି ହୋଇଯାଇଥିଲା ଏଥିରେ ଗାଡିରୁ ଛିଟି ପଡିଥିଲେ। ଏହି ସମୟରେ ସେହିପଟେ ଯାଉଥିବା ଏକ ଚାରିଚକିଆ ଯାନ ତାଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ ଧକ୍କା ଦେଇଥିବା ଯାନକୁ ନେଇ ଡ୍ରାଇଭର ଫେରାର ହୋଇ ଯାଇଥିଲେ। ବରଗାଁର କେତେକ ଲୋକେ ଗୁରୁତର ଅବସ୍ଥାରେ ବାଇକ ଆରୋହୀଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଇଁତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୭ଦିନ ପରେ ସ୍ୱାଭାବିକ ହେଲା ଜଳ ଯୋଗାଣ

ଲାଠୋର,୨୫।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜଳଯୋଗାଣ ପ୍ରକଳ୍ପ ସାତଦିନ ପରେ ସ୍ୱଭାବିକ ହୋଇଛି। ଗତ ୧୮ ତାରିଖରେ ଜଳ ଯୋଗାଣ ପ୍ରକଳ୍ପ ନଂ ୨ ମୋଟର ପୋଡି ଯାଇଥିଲା। ମୋଟର ବାହାରକୁ ବାହାର କରିବା ବେଳେ ସପୋର୍ଟିଂ ତାର ଛିଣ୍ଡି ବୋରିଂ ଭିତରେ ପଡ଼ି ଯାଇଥିଲା। ଫଳରେ ସାତ ଦିନ ଧରି ପାଇପ ଜଳଯୋଗାଣ ବନ୍ଦ ରହିଥିଲା। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସରପଞ୍ଚ ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହ ଯୋଗାଯୋଗ କରିଥିଲେ। ଏକ ନୂଆ ବୋରିଂ ଖୋଳାଯାଇଥିଲା। ଏଥିସହ ବୋରିଂରେ ଫସି ରହିଥିବା ମୋଟରକୁ ବାହାର କରି ଶନିବାର ସନ୍ଧ୍ୟାରେ ଜଳ ଯୋଗାଣକୁ ସ୍ୱଭାବିକ କରିଛନ୍ତି। ସରପଞ୍ଚ ଜୟଶ୍ରୀ ଭଇଁଷାଲ, ବ୍ଲକ ପ୍ରଶାସନ, କନିଷ୍ଠ ଯନ୍ତ୍ରୀ ସରିତା କୁଜୁର, ଏସିଏମ ବ୍ରଜମୋହନ ମଲ୍ଲିକ, ପମ୍ପ ଡ୍ରାଇଭର ଲାଏବାନ ସୁନା ପ୍ରମୁଖଙ୍କୁ ଲାଠୋର ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି।

## ଲାଞ୍ଜିଗଡ଼ ଭୈରବ ମନ୍ଦିରରୁ ଚୋରି ଅଭିଯୋଗ

ଲାଞ୍ଜିଗଡ଼,୨୫।୬(ଡି.ଏନ.ଏ.): ଲାଞ୍ଜିଗଡ଼ସ୍ଥିତ ପ୍ରସିଦ୍ଧ ଭୈରବ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଶନିବାର ସକାଳେ ପୂଜକ ହରିଶ୍ଚନ୍ଦ୍ର ମୁଣ୍ଡଛିନା ମନ୍ଦିରକୁ ଯିବା ବେଳେ ମନ୍ଦିର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କୁ ଜଣାଇଥିଲେ। କମିଟି ସଦସ୍ୟ ସେଠାରେ ପହଞ୍ଚି ମନ୍ଦିରରେ ଥିବା ୨୦ଟି ଖଣ୍ଡା, ୫ଟି ଟାଙ୍ଗୀ, ଗୋଟିଏ ରୂପା ଛତ୍ର ଓ ୬ଟି ଶିକୁଳୀ ଚୋରି ହୋଇଥିବା ବେଳେ ଆଲମୀରା ଖୋଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ପରିଚାଳନା କମିଟିର ସଦସ୍ୟମାନେ ଥାନାରେ ଏତଲା ଦେବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ସିଏଚ୍‌ସିରେ ନାହାନ୍ତି ବିଶେଷଜ୍ଞ ଡାକ୍ତର



ଖପ୍ରାଖୋଲ ସିଏଚ୍‌ସି ।

**ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ବିଶେଷଜ୍ଞ ଡାକ୍ତରଙ୍କ ସହ ଅନେକ ପଦବୀ ଖାଲି
- ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ

ଖପ୍ରାଖୋଲ,୨୫।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ବ୍ଲକ ଅନ୍ତର୍ଗତ ୨୧ପଞ୍ଚାୟତର ୧୩୨ ଗାଁ ଏବଂ ବେଲପଡା ବ୍ଲକର ୨୫ଗାଁର ଲୋକେ ଏହି ସ୍ୱାସ୍ଥକେନ୍ଦ୍ର ଉପରେ ନିର୍ଭର କରନ୍ତି। ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ୧୯୬୨ ମସିହାରେ ସ୍ଥାପିତ ଖପ୍ରାଖୋଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୨୦୧୨ରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଲାଭ କରିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେଲା ପରେ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିବ ବୋଲି ଅଞ୍ଚଳବାସୀ ଆଶା ରଖିଥିଲେ। ଇତିମଧ୍ୟରେ ୧୦ବର୍ଷ ବିତି ଯାଇଥିଲେ ବି ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ହୋଇନାହିଁ। ବିନା ବିଶେଷଜ୍ଞ ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର। ସରକାରୀ ନିୟମ ଅନୁସାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମେଡ଼ିସିନ ବିଶେଷଜ୍ଞ, ଜଣେ ଶିଶୁରୋଗ ବିଶେଷଜ୍ଞ, ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ରହିବା କଥା। ସେହିପରି ୫ରୁ ଅଧିକ ଏମବିବିଏସ ଡକ୍ଟର ରହିବା ଆବଶ୍ୟକ। ହେଲେ ଡାକ୍ତରଖାନରେ କେବଳ ୩ଜଣ ଏମବିବିଏସ ଡାକ୍ତର ଥିବା ବେଳେ ଜଣେ ଦାନ୍ତ ଓ ଜଣେ ଆୟୁସ ଡାକ୍ତର ଅଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ମାସ ତଳେ ଜଣେ ମେଡ଼ିସିନ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଆ ଯାଇଥିଲା। ତାଙ୍କୁ ପାଟଣାଗଡ ଓ ଟିଟିଲାଗଡ ଡାକ୍ତରଖାନକୁ ଡେପୁଟେସନରେ ପଠାଯାଇଛି। ହେଲେ ସେ ଖପ୍ରାଖୋଲ ଡାକ୍ତରଖାନରୁ ଦରମା ପାଉଛନ୍ତି। କେବଳ ଡାକ୍ତର ପଦବୀ ନୁହଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଔଷଧ ବିତରଣ କେନ୍ଦ୍ରରେ ମଧ୍ୟ ଫାର୍ମାଶିଷ୍ଟ ପଦବୀ ଖାଲି ଥିବାରୁ ସ୍ୱାସ୍ଥ୍ୟ କର୍ମୀମାନେ ପାଳି କରି ଔଷଧ ବାଣ୍ଟୁଥିବା ଦେଖାଯାଇଛି। ସେହିପରି ଆଟେଡେଣ୍ଟ ପଦବୀ ମଧ୍ୟ ଖାଲିପଡ଼ିଛି। ଖାଲି ପଡିଥିବା ବିଶେଷଜ୍ଞ ଡାକ୍ତର ଓ ପଦବୀ ଗୁଡିକ ଅବିଳମ୍ବେ ପୂରଣ କରା ନ ଗଲେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ସଚେତନ ନାଗରିକ ମଞ୍ଚ ଆବାହକ ଶତ୍ରୁଘ୍ନ ନାଏକ, ସଚେତନ ଯୁବାମଞ୍ଚ ଆବାହକ ଅଭୟ ତ୍ରିପାଠୀ, ସରପଞ୍ଚ ସୁଶୀଲ ଗୁରୁ, ତାପସ ରଞ୍ଜନ ବେହେରା, ଉମାକାନ୍ତ ପଧାନ, ଜ୍ୟୋତିରଞ୍ଜନ ପଣ୍ଡା, ବିହାରୀ ପଧାନ, ନରେନ୍ଦ୍ର ଭୋଇ, ମନୋଜ ଦାସ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଗୁପ୍ତେଶ୍ୱର କୁଅର, ରାଜକୁମାର ବରିହା ପ୍ରମୁଖ ଚେତାବନୀ ଦେଇଛନ୍ତି । ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା, ସୁରଜ ଦୀପଙ୍କୁ ପଚାରିବାରୁ ଆମ ପାଖରେ ଥିବା ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି। ଏନେଇ ସିଡିଏମଓ ଡାକ୍ତର ସ୍ନେହଲତା ସାହୁଙ୍କୁ ପଚାରିବାରୁ ଜିଲାରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ରହିଛି। ଖପ୍ରାଖୋଲରେ ନିଯୁକ୍ତ ମେଡିସିନ ବିଶେଷଜ୍ଞ ଡାକ୍ତରଙ୍କ ଟିଟିଲାଗଡ ଡେପୁଟେସନକୁ ବାତିଲ କରିବା ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ନୋଡାଲ ହାଇସ୍କୁଲ ପରିଦର୍ଶନ କଲେ ଡବ୍ଲ୍ୟୁଓଡିସି ଇଓ


କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍କୁଲ ଗେଟ ବାହାରେ ସ୍ୱାଗତ କରାଯାଉଛି।

ଲୋଇସିଂହା,୨୫।୬(ଡି.ଏନ.ଏ)

ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକ ପରିସରରେ ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତାଙ୍କ ଉପସ୍ଥିତିରେ ଡବ୍ଲୁଓଡିସି ଅନୁଦାନରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସେ ସମୀକ୍ଷା କରିଥିଲେ। ପରେ ୫ଟି ଯୋଜନାରେ ରୂପାନ୍ତରୀଣ ହୋଇଥିବା ଯୋଗୀସର୍ଡା ନୋଡାଲ ହାଇସ୍କୁଲ ପରିଦର୍ଶନ କରିଥିଲେ। ରୂପାନ୍ତରୀଣ ସ୍କୁଲ ବୁଲି ଦେଖିବା ସହ ସ୍କୁଲର ଶିକ୍ଷକ, ଛାତ୍ରୀଛାତ୍ର ,ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଯୋଗୀସର୍ଡା ଗ୍ରାମବାସୀ ସ୍କୁଲର ଖେଳ ପଡିଆ ଉନ୍ନତୀକରଣ ଦାବି କରିଥିଲେ। ଗସ୍ତ ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତିନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଦର୍ଶନ ପୂର୍ବରୁ ପ୍ରସିଦ୍ଧ ଯୋଗେଶ୍ୱର ଶୈବପୀଠ ଯାଇ ପୂଜାର୍ଚ୍ଚନା କରିଥିଲେ ।

# ୨ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ



ଭାରତ ବନ୍ଦକୁ ସମର୍ଥନ କରି ଜାତୀୟ ରାଜପଥ ଅବରୋଧ ।

**ମୋଟେରଠାରେ ଭାରତ ବନ୍ଦ ପାଳନ**

କୋକସରା,୨୫।୬(ଡି.ଏନ.ଏ.)

ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା ଓ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଶନିବାର ଭାରତର ଏକତା ଓ ଅଖଣ୍ଡତାକୁ ବିପଦରେ ପକାଉଥିବା ସଂଗଠନ ବିରୋଧରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାର କୋକସରା ବ୍ଲକ ମୋଟେରଠାରେ କର୍ମକର୍ତ୍ତାମାନେ ଜାତୀୟ ରାଜପଥ ୨୬କୁ ସକାଳ ୯ ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ୨ ଘଣ୍ଟା ଧରି ଅବରୋଧ କରିଥିଲେ । ଫଳରେ ଭବାନୀପାଟଣା ଜୟପୁର ଓ ମୁଖୀଗୁଡା ମଧ୍ୟରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତା ଅବରୋଧ ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡି ମୋଟର ସହ ଯାତ୍ରୀ ଅଟକି ରହିଥିଲେ। ଘଟଣାସ୍ଥଳରେ କୋକସରା ପୋଲିସ ଓ ମୋଟେର ଫାଣ୍ଡି ଅଧିକାରୀ ଉପସ୍ଥିତ ରହିଥିଲେ। ମୋଟେରଠାରେ ଭାରତ ବନ୍ଦ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ପଛୁଆ ବର୍ଗ ଜିଲା ସଭାପତି ଆଦିତ୍ୟ ହଂସ, ରାଷ୍ଟ୍ରୀୟ ପଛୁଆ ବର୍ଗ ବ୍ଲକ ସଭାପତି କ୍ଷୀରସିନ୍ଧୁ ବୋଡକିଆ, ବେରୋଜଗାର ମୋର୍ଚ୍ଚା ଜିଲା ସଭାପତି ଚନ୍ଦ୍ରଶେଖର ଗୋପାଳ, ଗୋପାଳ ଧଙ୍ଗଡା ମାଝୀ, ରମେଶ ବେମାଲ, ସୁଶାନ୍ତ ଚଳାନ, ପର୍ଶୁରାମ ଶବର, ଡମ ସିଂ, ବଳଦେବ ଜାଲ, ମୁନ୍ନା ହାତୀ, ସଞ୍ଜୟ ଶବର, କୁଶ ଶବର, କାମେଶ୍ୱର ସିଂଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଗୋଦାମ ଗୃହରେ ଫାଟ ସୃଷ୍ଟି ହୋଇ ଶୋଚନୀୟ

ଖଡ଼ିଆଳ,୨୫।୬(ଡି.ଏନ.ଏ.)

ଖଡ଼ିଆଳ ପୂର୍ତ୍ତ ବିଭାଗର ନିମ୍ନମାନର ଗୋଦାମ ଗୃହ କାର୍ଯ୍ୟ ଦେଖିବାକୁ ମିଳିଛି। ନିର୍ମାଣର ବର୍ଷେ ନ ପୁରୁଣୁ ଥରେ ମରାମତି ହୋଇଥିବାବେଳେ ବର୍ତ୍ତମାନ ସମସ୍ତ କାନ୍ଥରେ ଦୁଇ ରୁ ତିନି ଇଞ୍ଚର ଫାଟ ସୃଷ୍ଟି ହୋଇଛି। ନୂଆପଡ଼ା ଜିଲା ଖଡ଼ିଆଳ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ବ୍ଲକର ୨୬ଟି ପଞ୍ଚାୟତ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ ଖଡ଼ିଆଳ ନିର୍ଭରଶୀଳ। ଏହାର ଗୋଦାମ ଗୃହ ନ ଥିବାରୁ ଗାଈ ବଳଦଙ୍କ ପାଇଁ ଆସୁଥିବା ଅନେକ ପ୍ରକାର ସାମଗ୍ରୀ ଓ ଔଷଧ ରଖିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରାଣୀ ଚିକିତ୍ସାଳୟ ପାଇଁ ଦୁଇଟି ଗୋଦାମ ଗୃହ ନିର୍ମାଣ ପାଇଁ ଖଡ଼ିଆଳ ପୂର୍ତ୍ତ ବିଭାଗ ପକ୍ଷରୁ ଆଠ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଦୁଇଟି ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ ଗତ ନଅରୁ ଦଶ ମାସ ପୂର୍ବେ ଶେଷ ହୋଇଥିଲା। ଏହି ଗୋଦାମ ଗୃହ ନିର୍ମାଣ ସମୟରେ ମଧ୍ୟ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ବିଭାଗୀୟ ଅଧିକାରୀମାନେ ଅଭିଯୋଗ କରିଥିଲେ। ହେଲେ ଦାୟିତ୍ୱରେ ଥିବା ଯନ୍ତ୍ରୀ କର୍ଣ୍ଣପାତ କରି ନ ଥିଲେ। ଫଳରେ ନିର୍ମାଣର ଅଳ୍ପଦିନ ମଧ୍ୟରେ ଥରେ ମରାମତି ହୋଇ ସାରିଥିବାବେଳେ ବର୍ତ୍ତମାନ ଦୁଇଟି ଗୋଦାନ ଗୃହର ଚାରି କାନ୍ଥରେ ଦୁଇରୁ ତିନି ଇଞ୍ଚର ଫାଟ ସୃଷ୍ଟି ହେବା ସହିତ ଫ୍ଲୋରିଙ୍ଗ କରିଥିବା ଚଟାଣଗୁଡିକ ଉଠିଯାଇ କେବଳ ବାଲି ସରସର ହୋଇ ଦୁଇଟି ଗୋଦାମ ଗୃହ ଅକାମୀ ହୋଇ ପଡିରହିଛି। ନିର୍ମାଣ ସମୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଜୟକାନ୍ତ ସବରଙ୍କୁ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅବଗତ କରାଯାଇଥିଲା, ହେଲେ କାର୍ଯ୍ୟ ଠିକ୍ ହୋଇଛି ବୋଲି ପ୍ରକାଶ କରିଥିଲେ। ଏନେଇ ଠିକାଦାରଙ୍କୁ ପଚାରିବାରୁ ତାହା ଦାୟିତ୍ୱରେ ଥିବା ଯନ୍ତ୍ରୀ ଜାଣିବେ ବୋଲି ପ୍ରକାଶ କରିଥିଲେ। ଏନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ପଚାରିବାରୁ ଘର ଥରେ ମରାମତି ହୋଇଥିଲା, ଏବେ ଠିକ ଅଛି ବୋଲି କହିବା ସହିତ କାର୍ଯ୍ୟର ଏକ ଲକ୍ଷ ଟଙ୍କା ବିଲ କରିନାହିଁ ବୋଲି ପ୍ରକାଶ କରିଥିଲେ।

# ୩ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି


ଶହୀଦଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଲୋଇସିଂହା,୨୫।୬(ଡି,ଏନ.ଏ.)

ନୂଆପଡାଠାରେ ମାଓବାଦୀ ଓ ପୋଲିସ ଗୁଳିବିନିମୟରେ ୩ ଜଣ ଯବାନ ଶହୀଦ ହୋଇଛନ୍ତି। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଲୋଇସିଂହା ଷ୍ଟାଡିୟମ ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସୈନିକ କ୍ଲବ ଓ ସଂକଳ୍ପ ପରିବାର ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଲୋଇସିଂହାର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସାମିଲ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମଓବାଦୀ କାର୍ଯ୍ୟକଳାପକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦମନ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସୈନିକ କ୍ଲବ ସଦସ୍ୟ ନୟଉଲ୍ଲା ଖାନ ସଭା ସଂଯୋଜନା କରିଥିଲେ। ଅଭିଳାଷ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଝାରମୁଣ୍ଡାଠାରେ ଯୁବ ଅନୁଷ୍ଠାନ ପକ୍ଷରୁ ଗୋବିନ୍ଦ ବାରିକଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇ ଯାଇଛି।

**ବେସାହାରା ଦୁଇ ପରିବାର**

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

କୋକସରା,୨୫।୬(ଡି.ଏନ.ଏ.)


ବର୍ଷାରେ ଭାଙ୍ଗି ଯାଇଥିବା ଘର।

ଲଗାଣ ବର୍ଷାରେ କୋକସରା ବ୍ଲକ ବରାଡଙ୍ଗା ଗାଁର ଦୁଇ ପରିବାରଙ୍କ ମାଟି ଘର ଭାଙ୍ଗିଯାଇଛି। ଫଳରେ ଏହି ଦୁଇ ପରିବାର ଏବେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି । ବରାଡଙ୍ଗା ଗାଁରେ ରହନ୍ତି ଶଙ୍କର ନାଏକ ଓ ଶଙ୍କରା ରାଉତଙ୍କ ପରିବାର। ଶଙ୍କରଙ୍କ ଘରେ ସ୍ତ୍ରୀ ସହ ଦୁଇ ପୁଅ ରହୁଥିବା ବେଳେ ଶଙ୍କରା ନିଜ ବୃଦ୍ଧା ନାନାଙ୍କ ସହ ରହୁଛନ୍ତି। ଗରିବ ଶ୍ରେଣୀର ହୋଇଥିବା ବେଳେ ଏହି ଦୁଇ ପରିବାରଙ୍କୁ ଆବାସ ଯୋଜନାରେ ଘର ମିଳିନାହିଁ । ଭଙ୍ଗା ଦଦରା ମାଟି ଘରେ ଅତି ଦୟନୀୟ ଭାବେ ରହୁଥିବା ବେଳେ ଶୁକ୍ରବାର ହୋଇଥିବା ଲଗାଣ ବର୍ଷାରେ ଉଭୟଙ୍କ ଘର ଭାଙ୍ଗିଯାଇଛି । ପୂର୍ବରୁ ଅନେକ ଥର ପଞ୍ଚାୟତ ଅଧିକାରୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଅଧିକାରୀଙ୍କୁ ଆବାସ ଘର ପାଇଁ ଆବେଦନ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ଶନିବାର ଏ ନେଇ ପରିବାର ପକ୍ଷରୁ ଲଡୁଗାଁ ରାଜସ୍ୱ ନିରୀକ୍ଷିକା ମମତା ସାଏଙ୍କୁ ଖବର ଦେବା ପରେ ସେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ତହସିଲ କାର୍ଯ୍ୟାଳୟରେ ରିପୋର୍ଟ ଦେଇଥିବା ଜଣାପଡିଛି। ଅନ୍ୟପଟେ ତହସିଲ କାର୍ଯ୍ୟାଳୟ ପକ୍ଷରୁ କ୍ଷତିଗ୍ରସ୍ତ ଦୁଇ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଥିବା ନେଇ ରାଜସ୍ୱ ନିରୀକ୍ଷିକା ସାଏ ସୂଚନା ଦେଇଛନ୍ତି। ତେବେ ଆବାସ ଯୋଜନାରେ ଦୁଇ ପରିବାରକୁ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

ନୂଆପଡ଼ା ଅଫିସ୍,୨୫।୬


ଏମ୍‌ପି ବସନ୍ତ ପଣ୍ଡା ଭୂମିପୂଜନ କରୁଛନ୍ତି।

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା ପଞ୍ଚାୟତର ଗନିଆରି ଗ୍ରାମରେ ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ବିଜେଡି ଜିଲା ସଭାପତି ମନୋଜ କୁମାର ମିଶ୍ର, ଜିଲା ପରିଷଦ ଭାନୁପ୍ରତାପ ସିଂ ମାଝି, ଅବନି ରଞ୍ଜନ ଯୋଶୀ, ଫକିର ପାଢୀ, ସୁଧିର ମିଶ୍ର, ସରପଞ୍ଚ ଯୋଗେନ୍ଦ୍ର ବାଗ, ସରପଞ୍ଚ କାଳିଆ ପ୍ରଧାନ, ଡ. କୂଳପଦ୍ମ ପଣ୍ଡା, ଗୁଡୁ ଖାନ, ଜହରଲାଲ ସୁନାନୀ ପ୍ରମୁଖ ଯୋଗଦେଇଥିଲେ। ବସନ୍ତ ରଥ ଓ ତାଙ୍କ ସ୍ତ୍ରୀ ଗାୟତ୍ରୀ ରଥ କର୍ତ୍ତା ଦାୟୀତ୍ୱ ତୁଲାଇ ଥିଲେ। ପୁରୋହିତ କୃଷ୍ଣଚନ୍ଦ୍ର ପତି ଭୂମିପୂଜନ କରିଥିଲେ। ଗୁଣବନ୍ତ ରଥ ଓ ଗୌରାଙ୍ଗ ନାଗଙ୍କ ମିଳିତ ଉଦ୍ୟମରେ ହନୁମାନ ମନ୍ଦିର ନିର୍ମାଣ ହେଉଛି। ଏହା ୨୧ଫୁଟ ବିଶିଷ୍ଟ ଉଚ୍ଚ ରହିବ ବୋଲି ମତପ୍ରକାଶ ପାଉଛି। ସନତ କୁମାର ରଥ, ଲୋକନାଥ ରଥ, ଶରତ ରଥ, ସଞ୍ଜିତ ରଥ, ସନ୍ତୋଷ ରଥ ପ୍ରମୁଖ ସହଯୋଗ କରିଥିଲେ।

# ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଖଡ଼ିଆଳ,୨୫।୬(ଡି.ଏନ୍.ଏ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଗିଚାଠାରେ ଚାଲିଥିବା ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ତଥା ଖଡିଆଳ ବ୍ଲକର ଆୟୋଜନରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଡିଜିଟାଲ ମାର୍କେଟିଂ ଓ ଅନଲାଇନ ବେପାର ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ୧୦ଗୋଟି ଗୋଷ୍ଠୀରୁ ୨୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ନିଜ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ତଥା ଘର ଉପଯୋଗୀ ବସ୍ତୁ ବିଷେଶକୁ କିପରି ଭାବରେ ପ୍ରଚାର ପ୍ରସାର ସହିତ ବ୍ୟବସାୟକୁ ଆଗକୁ ବଢାଇ ପାରିବେ ତା ଉପରେ ସବିଶେଷ ଆଲୋଚନା ସହିତ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ୱୟଂ ଶକ୍ତି ମହିଳା ମହାସଂଘର ସଭାନେତ୍ରୀ ମମତା ମଞ୍ଜରୀ ଥପା ଆଧୁନିକ ବଜାରରେ ନିଜକୁ ଯଦି ସାମିଲ କରିବାକୁ ହେଲେ ଏହି ତାଲିମ କାର୍ଯ୍ୟକ୍ରମ ସମସ୍ତଙ୍କୁ ବିଶେଷ ସହଯୋଗୀ ହେବ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।


ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା।

# ମୃତକଙ୍କ ନାମରେ ଉଠିଛି ଟଙ୍କା

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଉନ୍ନତୀକରଣ**

ସଇଁତଲା, ୨୫।୬ (ଡି.ଏନ.ଏ.)

ବଲାଙ୍ଗୀର ଜିଲ ସଇଁତଲା ବ୍ଲକ କରମତଲା ପଞ୍ଚାୟତରେ ଏମ୍‌ଜିଏ୍‌ଆରଇଜିଏସ୍ ଯୋଜନାରେ ଏକ ପୋଖରୀ ଉନ୍ନତୀକରଣ କରାଯାଇଛି। ମୃତବ୍ୟକ୍ତିଙ୍କ ନାମରେ ଜବକାର୍ଡ଼ ତିଆରି କରି ଟଙ୍କା ହଡ଼ପ କରାଯାଇଛି। କାମକୁ ଗାଁ ସାଥୀଙ୍କ ଜରିଆରେ ନ କରାଇ ଜନୈକ ଠିକାଦାରଙ୍କ ସହାୟତାରେ କାମ ଚାଲିଥିବା ଅଭିଯୋଗ ହେଉଛି । କରମତଲା ପଞ୍ଚାୟତ ଲିମପଡ଼ା ନିକଟରେ ଥିବା ମୁଗୁରୁମୁଣ୍ଡା ପୋଖରୀ ଉନ୍ନତୀକରଣ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ୧୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏହି କାର୍ଯ୍ୟକୁ ଗାଁସାଥୀ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ନିଜେ ନ କରି ଜନୈକ ଠିକାଦାରଙ୍କ ଜରିଆରେ ଗତ ଏପ୍ରିଲ ମାସରେ ମାଟିଉଠା କାମ କରିଥିଲେ। କାମର କୌଣସି ସୂଚନା ଫଳକ ଲଗା ଯାଇ ନ ଥିଲା। ୫୨୩ ଶ୍ରମ ଦିବସ ସୃଷ୍ଟି କରି ୧ଲକ୍ଷ ୧୭ହଜାର ୨୧୬ ଟଙ୍କା ଜବକାର୍ଡ଼ଧାରୀ ଶ୍ରମିକଙ୍କ ବ୍ୟାଙ୍କଖାତାରେ ଗତ ତା୨୭।୫।୨୨ରିଖରେ ଜମା ହୋଇଛି। ଲିମପଡ଼ା ଗ୍ରାମର ଫଟୁ ରଣାଙ୍କର ଦେଢ଼ବର୍ଷ ତଳେ ମୃତ୍ୟୁ ହୋଇସାରିଛି। ହେଲେ ସେ ୨ସପ୍ତାହ ପୋଖରୀ କାମ କରିଥିବା ଦର୍ଶାଇ ତାଙ୍କ ନାମରେ ୨୬୬୪ଟଙ୍କା ସଇଁତଲାସ୍ଥିତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆରେ ଥିବା ପାସ୍‌ବୁକରେ ଜମା ହୋଇଛି। ସେହିଭଳି ୨୦ରୁ ୨୫ ହଜାର ଟଙ୍କାର କାମ ହୋଇଥିବା ବେଳେ ଲକ୍ଷାଧିକ ଟଙ୍କା ଉଠିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବହୁ ଜବକାର୍ଡ଼ଧାରୀ କାମ କରି ନ ଥିଲେ ମଧ୍ୟ ସେମାନଙ୍କୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଦର୍ଶାଇ ଅନୁଦାନକୁ ରାଶି ହଡ଼ପ କରାଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏପିଓ ବନଜାବାସିନୀ ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।


ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଉନ୍ନତୀକରଣ ହୋଇଥିବା ମଗୁରୁମୁଣ୍ଡା ପୋଖରୀ।

## ବାର୍‌ହା ଆକ୍ରମଣରେ ୩ ଗୁରୁତର

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲାର ନର୍ଲା ଅଞ୍ଚଳରେ ବାର୍‌ହା ଆକ୍ରମଣରେ ୩ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ, ନର୍ଲା ବ୍ଲକ ଅନ୍ତର୍ଗତ ଉଲିକୁପା ଗ୍ରାମ ନିକଟସ୍ଥ ମେଦାଖୋଲା ଜଙ୍ଗଲରୁ ଏକ ବାର୍‌ହା ଆସି ବିଲରେ ଚାଷ କରୁଥିବା ସହଦେବ ମହାନନ୍ଦଙ୍କୁ ଆକ୍ରମଣ କରିଥିଲା। ପରେ ପାଖରେ ଚାଷ କାମ କରୁଥିବା ମୁନସିଂ ଝଙ୍କାର ଓ ପୂର୍ବ ମହାନନ୍ଦଙ୍କୁ ଆକ୍ରମଣ କରିଥିଲା । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ଧାନ ବିକ୍ରି ସରିନି, ମଣ୍ଡି ବନ୍ଦ

- ଚାଷୀଙ୍କୁ ଘାରିଲା ଧାନବିକ୍ରି ଚିନ୍ତା
- ସରୁଛି ଚାଷୀଙ୍କ ଟୋକନ ଅବଧି
- ଆଗେଇ ପାରୁନି ଖରିଫ ଚାଷ

**ବରଗଡ଼ ଅଫିସ୍,୨୫ା୬**

ଧାନ ବିକ୍ରି ସରିନାହିଁ। ଟୋକନ ଅବଧି ମଧ୍ୟ ରହିଛି। ଏହାସତ୍ତ୍ୱେ ବରଗଡ଼ ଜିଲାର ବିଭିନ୍ନ ମଣ୍ଡିଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଫଳରେ ଚାଷୀମାନେ ଏବେ କେଉଁଠି ଧାନ ବିକିବେ, ତାହା ସେମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଟୋକନ ଅବଧି ଥିବା ସତ୍ତ୍ୱେ ମଣ୍ଡିଗୁଡ଼ିକୁ ବନ୍ଦ କରି ଦିଆଯାଇଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅସନ୍ତୋଷ ଆଗକୁ ଆନ୍ଦୋଳନ ରୂପ ନେବା ଆଶଙ୍କା ରହିଛି ।

ମେ ୧୨ରୁ ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ଏହି କ୍ରମରେ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନରେ ୬୦, ଅତାବିରା ଆରଏମସି ୫୪ ଏବଂ ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ ୪୨ମଣ୍ଡି ରହିଥିଲା। ସମୁଦାୟ ୧୫୬ମଣ୍ଡି ମଧ୍ୟରୁ ୭୪ଟି ମାର୍କେଟ୍ ୟାର୍ଡ଼ ଏବଂ ୮୨ଟି ଧାନକ୍ରୟ କେନ୍ଦ୍ର(ପିପିସି) ରହିଥିଲା। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଅନେକ ମଣ୍ଡିକୁ ବନ୍ଦ କରି ଦିଆଗଲାଣି । ଫଳରେ ଚାଷୀମାନେ ଧାନବିକ୍ରି ନେଇ ଅଡୁଆରେ ପଡ଼ିଛନ୍ତି ।

ଅନ୍ୟପଟେ ଜିଲାପାଳଙ୍କ କାର୍ଯ୍ୟାଳୟ (ଯୋଗାଣ ବିଭାଗ)ର ପତ୍ରସଂଖ୍ୟା–୪୯୧୮, ତା–୧୭।୬।୨୨ରିଖରେ ଅତାବିରା ଆରଏମସି ଅଧୀନରେ


ରେଶମ ମଣ୍ଡିରେ ବିକ୍ରି ପାଇଁ ପଡିରହିଥିବା ଧାନ।

ରହିଥିବା ୨୭, ବରଗଡ଼ ଆର୍‌ଏମ୍‌ସିର ୩୭ ଏବଂ ପଦ୍ମପୁର ଆରଏମସି ଅଧୀନ ୧୬ ଧାନକ୍ରୟ କେନ୍ଦ୍ରକୁ ଗତ ୧୮ତାରିଖରୁ ନିକଟସ୍ଥ ମାର୍କେଟ ୟାର୍ଡ଼କୁ ସ୍ଥାନାନ୍ତର କରାଯାଇଥିବା ଉଲ୍ଲେଖ ରହିଛି। ଫଳରେ ସମ୍ପୃକ୍ତ ଧାନକ୍ରୟ କେନ୍ଦ୍ରଗୁଡ଼ିକରେ ଧାନ କିଣାବିକା ବନ୍ଦ ଥିବାବେଳେ ଚାଷୀମାନଙ୍କୁ ନିକଟସ୍ଥ ମାର୍କେଟ ୟାର୍ଡ଼ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ସେହି ମାର୍କେଟ ୟାର୍ଡ଼ ଗୁଡ଼ିକରେ ମଧ୍ୟ ତାଲା ଝୁଲୁଛି ଏବଂ ଚାଷୀଙ୍କୁ ନିରାଶରେ ଫେରିବାକୁ ପଡୁଛି। କିନ୍ତୁ ଜିଲାପାଳଙ୍କ କାର୍ଯ୍ୟାଳୟ (ଯୋଗାଣ ବିଭାଗ)ର ପତ୍ରସଂଖ୍ୟା–୪୯୨୩, ତା–୧୭।୬।୨୨ରିଖରେ ୨୦ତାରିଖ ସୁଦ୍ଧା ମଣ୍ଡି ଗୁଡ଼ିକରେ ପଡ଼ି ରହିଥିବା ଧାନର ଫିଜିକାଲ ଭେରିଫିକେଶନ କରି ୨୨ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିଲା। ଏଭଳି ସ୍ଥିତିରେ ମଣ୍ଡିଗୁଡ଼ିକୁ ବନ୍ଦ କରି ଦିଆଯାଇଥିବାରୁ ଚାଷୀଙ୍କୁ ହଟହଟା ହେବାକୁ ପଡୁଛି। ରବିଧାନ ବିକ୍ରି କରି ପାରି ନ ଥିବାରୁ ଚାଷୀମାନେ ଖରିଫ ଚାଷକାର୍ଯ୍ୟ ଆରମ୍ଭ କରି ପାରୁନାହାନ୍ତି। ସେହିପରି ପରିବାର ଚଳାଇବା ଓ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କ ପାରିଶ୍ରମିକ ସମେତ ଋଣ ପରିଶୋଧ କରି ପାରୁ ନ ଥିବା ଚାଷୀମାନେ କହିଛନ୍ତି। ବର୍ଷା ଆସିଯାଇଥିବାରୁ ଅମଳ ଧାନର ସୁରକ୍ଷା ଚିନ୍ତା ମଧ୍ୟ ଚାଷୀଙ୍କୁ ଘାରିଛି ।

ଅତାବିରା ବ୍ଲକ ଦେବାହାଲ ଗ୍ରାମର ତରଣୀସେନ ପ୍ରଧାନ ନାମକ ଜଣେ ଚାଷୀ କହିଛନ୍ତି, ତାଙ୍କୁ ମିଳିଥିବା ଟୋକନ ନଂ–୮୬୭ରେ ବିକ୍ରିଯୋଗ୍ୟ ଧାନ ପରିମାଣ ୯୩.୮୬ କୁଇଣ୍ଟାଲ ରହିଛି। ଟୋକନ ଅବଧି ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ଅଛି। ମାତ୍ର ମଣ୍ଡିକୁ ବନ୍ଦ କରି ଦିଆଯାଇଥିବାରୁ ସେ ଧାନ ବିକ୍ରି କରି ପାରୁ ନ ଥିବା କହିଛନ୍ତି। ଅତାବିରା ବ୍ଲକ ବୁଗବୁଗା ଗ୍ରାମର ଟେକଧର ରଣା, ସୁରୁବାବୁ ରଣା, ନିମାଇଁ ଚରଣ ମହାପାତ୍ର ଅନୁରୂପ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଟୋକନ ଅବଧି ଥିବା ସତ୍ତ୍ୱେ ମଣ୍ଡି ବନ୍ଦ ଯୋଗୁ ସେମାନେ ଧାନ ବିକ୍ରି କରି ପାରୁ ନ ଥିବା କହିଛନ୍ତି। ଶନିବାର ସୁଦ୍ଧା ଟେକଧରଙ୍କ ଟୋକନ ଅବଧି ରହିଥିଲା। ସେ ଧାନ ବିକ୍ରି ପାଇଁ ଅତାବିରା ମଣ୍ଡିକୁ ବାରମ୍ବାର ଧାଁ ଧପଡ଼ ହୋଇଥିଲେ। ମାତ୍ର ମଣ୍ଡିରେ ତାଲା ଝୁଲୁଥିବା ଯୋଗୁ ସେ ଧାନ ବିକ୍ରି କରି ପାରି ନ ଥିବା କହିଛନ୍ତି । ଏ ନେଇ ଚାଷୀନେତା ହର ବଣିଆଁ, ନିମାଇଁ ଚରଣ ମହାପାତ୍ର ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ଚାଷୀଙ୍କ ଅମଳ ଧାନକିଣା ନ ଗଲେ ଆଗକୁ ରାସ୍ତା କିମ୍ବା ଜିଲାପାଳ ଅଫିସରେ ଧାନ ଗଦା କରି ଆନ୍ଦୋଳନ କରାଯିବ ବୋଲି ଚାଷୀନେତା ବଣିଆ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କ ମତାମତ ମିଳିପାରିନାହିଁ।

## ସଂକ୍ଷେପରେ

### ଗିରିଶ କୁମାର ଲଉରିଆ ସଭାପତି ନିର୍ବାଚିତ

**ବାଉଁଶୁଣୀ,୨୫ା୬(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ସେବା ସମବାୟ ସମିତି ସଭାପତି ଭାବେ ଗିରିଶ କୁମାର ଲଉରିଆ ନିର୍ବାଚିତ ହୋଇଛନ୍ତି। ଦୁଇ ଜଣ ପ୍ରାର୍ଥୀ ଗିରିଶ କୁମାର ଓ ବିବେକାନନ୍ଦ ପ୍ରଧାନଙ୍କ ମଧରେ ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦିତା ହୋଇଥିଲା। ବିବେକାନନ୍ଦ ପ୍ରଧାନ ୭ ଗୋଟି ଭୋଟ ପାଇଥିବା ବେଳେ ଗିରିଶ କୁମାର ୮ ଗୋଟି ଭୋଟ ପାଇ ବିଜୟୀ ହୋଇଥିଲେ। ଏହାପୂର୍ବରୁ ସେ ଦୁଇ ଥର ଏହି ପଦରେ ଥିଲେ। ତୃତୀୟ ଥର ପାଇଁ ବିଜୟୀ ହେଲା ପରେ ବାଉଁଶୁଣୀ ସେବା ସମବାୟ ସମିତିର ଚାଷୀମାନଙ୍କ ମଧରେ ଆନନ୍ଦର ଲହରି ଖେଳିଯାଇଛି।

### ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ,୨୫ା୬(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକସ୍ଥିତ ଠିଡିକାଯୋର ଠାରେ ଥିବା ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଶନିବାର ଦିନ ବାଣୀଭୂଷଣପୁର ଗ୍ରାମପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା କମିଟିର ସଭାପତି ହରଭଙ୍ଗା ତହସିଲଦାର ଶମ୍ଭୁଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା । ଚଳିତବର୍ଷ ରଥଯାତ୍ରାକୁ ସୁଚାରୁ ରୂପେ ସମ୍ପନ୍ନ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ମୀନାବଜାର, ଭଜନ ସମାରୋହ, ପାଲା, ଦାସକାଠିଆ, ନାମ ସଂକୀର୍ତ୍ତନ ପରିବେଷଣ କରାଯିବ। ରଥଯାତ୍ରାରେ ଛେରାପହଁରା କରିବାକୁ ତହସିଲଦାରଙ୍କୁ ଚୟନ କରାଯାଇଥିଲା । ବୈଠକରେ ଅତିରିକ୍ତ ତହସିଲଦାର ହରିଓମ୍ ଭୋଇ, ବାଣୀଭୂଷଣପୁର ସରପଞ୍ଚ ଶ୍ରୀବନ୍ତ ମେହେର, କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ବିଶ୍ୱଜିତ ପ୍ରଧାନ,ଏସଆଇ ବ୍ରହ୍ମାନନ୍ଦ ପ୍ରଧାନ,ବଜାର କମିଟି ସଭାପତି ଦିଲିପ ସାହୁ, ମନ୍ଦିର କମିଟି ସଂପାଦକ ବାମଦେବ ଦାସ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

### ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୨୫ା୬(ସ୍ୱ.ପ୍ର.):** ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନହଲ ଠାରେ ଶନିବାର ଦିନ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପରିଷଦର ନିର୍ବାହୀ ଅଧିକାରୀ ଇଂ ମନୋରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଡା.ଏମ.ଏମ ପ୍ରଧାନ, ଡା. କେ.ସି ପଟ୍ଟନାୟକ, ଡା. ବି.କେ .ହେମ୍ବ୍ରମ, ସ୍ୱାତୀ କୁମାରୀ, ଆଲୋକ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ୱାର୍ଡ ଅଫିସର, ସ୍ୱଚ୍ଛ ସୁପରଭାଇଜର ଓ ଜଳସାଥୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ପ୍ରଧାନ ଡେଙ୍ଗୁରୋଗ ସଂପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ। ସହରାଞ୍ଚଳରେ କିପରି ଡେଙ୍ଗୁ ରୋଗକୁ ପ୍ରତିହତ କରିପାରିବା ଓ କି କି ସତର୍କତା ଅବଲମ୍ବନ କରାଯାଇପାରିବ ସେ ସମ୍ପର୍କରେ ଡା. ପ୍ରଧାନ କହିଥିଲେ । ଡା. ପଟ୍ଟନାୟକ ଡେଙ୍ଗୁ ରୋଗ ହେଲେ କି କି ପଦକ୍ଷେପ ନିଆଯାଇପାରିବ ସେନେଇ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଡେଙ୍ଗୁ ରୋଗ ନିୟନ୍ତ୍ରଣ ଲାଗି ଡାକବାଜି ଯନ୍ତ୍ର ମାଧମରେ ଜନସାଧାରଣଙ୍କୁ ସଚେତନ କରାଯିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜୁଲାଇ ପ୍ରଥମ ସପ୍ତାହରୁ ସର୍ଭେ କାର୍ଯ୍ୟ କରାଯିବ ବୋଲି ଡା. ପଟ୍ଟନାୟକ ସୂଚନା ଦେଇଥିଲେ । ଶେଷରେ ପରିଷଦର କର୍ମଚାରୀ ପ୍ରଫୁଲ୍ଲ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ଜାତୀୟସ୍ତରୀୟ ପ୍ରତିଯୋଗିତାରେ ୨ଛାତ୍ରଙ୍କୁ ବ୍ରୋଞ୍ଜ ପଦକ

**ଜୁଡୋ କରାଟେ ସ୍କୁଲର ସଫଳତା**


ବ୍ରୋଞ୍ଜ ପଦକ ପାଇଥିବା କୃତି ଛାତ୍ର।

**ସୋନପୁର,୨୫ା୬(ନି.ପ୍ର.)**

ଜାତୀୟ ସ୍ତର ମୁଏଥାଇ ବକ୍ସିଂ ପ୍ରତିଯୋଗିତାରେ ସୋନପୁର ଜୁଡୋ ଏଣ୍ଡ କରାଟେ ସ୍କୁଲକୁ ସଫଳତା ମିଳିଛି। ଜୁନ୍ ୧୬ରୁ ୨୨ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଦେୱାସ ସ୍ଥିତ ଟୁକୋଜି ରାଓ ପାୱାର ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଓଡିଶା ମୁଏଥାଇ ଆସୋସିଏଶନ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ସୋନପୁର ଜୁଡୋ ଏଣ୍ଡ କରାଟେ ସ୍କୁଲର ଶିକ୍ଷକ ସୁରଜ ପୂଝାରୀଙ୍କ ସହିତ ୩ ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ନିଳାଦ୍ରୀ ଚନ୍ଦ୍ର ପାତ୍ର ଓ ନିମାଇ ଚରଣ ମହାକୁଡ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜୁଡୋ ଏଣ୍ଡ କରାଟେ ସ୍କୁଲର ସଭାପତି ସୁକାନ୍ତ କୁମାର ସାହୁ ଓ କର୍ମକର୍ତ୍ତା ବୃନ୍ଦ ଛାତ୍ରଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।



ବଲାଙ୍ଗୀର ସହରରେ ଶନିବାର ସିଆରପିଏଫ୍ ୧୮୯ ବାଟାଲିଅନ ପକ୍ଷରୁ ବାହାରିଥିବା ନିଶାମୁକ୍ତି ଅଭିଯାନ ସଚେତନତା ଶୋଭାଯାତ୍ରା। (ଫଟୋ: ସୁନୀଲ)

## ଭାଇରାଲ ଚିଠିକୁ ନେଇ ସକାଳୁଆ ସ୍କୁଲ

- ଅଭିଭାବକଙ୍କ ମହଲରେ ଅସନ୍ତୋଷ
- ତାଗିଦା କଲେ ବିଇଓ

**ଦେଓଗାଁ,୨୫ା୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଶନିବାର ଅନ୍ୟ ଏକ ଜିଲାର ଚିଠି ଭାଇରାଲ ହେବାକୁ ନେଇ କେତେକ ସ୍କୁଲରେ ସକାଳୁଆ ପାଠପଢା ହୋଇଥିଲା। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଦେଓଗାଁ ପଞ୍ଚାୟତ କଛାରପାଲି ପ୍ରାଥମିକ ବିଦ୍ୟାଳୟ, ଶିରାବାହାଲ ପ୍ରାଥମିକ ବିଦ୍ୟାଳୟ ଓ ସାଲେପାଲି ପ୍ରାଥମିକ ବିଦ୍ୟାଳୟରେ ଶନିବାର ସକାଳୁଆ ପାଠପଢା କରାଯାଇଥିଲା। ହଠାତ ସ୍କୁଲର ଏଭଳି ପଦକ୍ଷେପକୁ ନେଇ କେତେକ ଅଭିଭାବକ ପ୍ରଶ୍ନ ଉଠାଇଥିଲେ। ଅଭିଯୋଗ ପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ର ଏହି ସ୍କୁଲମାନଙ୍କୁ ପରିଦର୍ଶନରେ ଯାଇ ସକାଳୁଆ ସ୍କୁଲ କରାଯିବା କାରଣ ପଚାରି ବୁଝିଥିଲେ। କାରଣ ଜଣାପଡିବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକମାନଙ୍କୁ ଏଭଳି ଚିଠି ପ୍ରତି ସତର୍କ ରହିବାପାଇଁ ନିର୍ଦ୍ଦେଶ ଦେବା ସହ ଆଗକୁ ଏପରି ଭୁଲ ନ କରିବା ପାଇଁ ତାଗିଦ କରିଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଏବିଇଓ ମିଶ୍ରଙ୍କୁ ପଚାରିବାରୁ ଉପରୋକ୍ତ ବିଦ୍ୟାଳୟମାନଙ୍କରେ ମୋବାଇଲରେ ଆସିଥିବା ଅନ୍ୟ ଜିଲାର ଏକ ଚିଠି ନେଇ ସକାଳ ସ୍କୁଲ ହୋଇଥିଲା। ଛାତ୍ରୀଛାତ୍ରମାନେ ସ୍କୁଲକୁ ଆସିଯାଇଥିବାରୁ ଏହି ଦିନ ପାଠପଢା ଜାରି ରଖିବାପାଇଁ କୁହାଯାଇଥିଲା। ଆଗକୁ ଏପରି ତ୍ରୁଟି ନ କରିବା ପାଇଁ ତାଗିଦ୍ କରିଛୁ ବୋଲି ସେ କହିଛନ୍ତି ।

## ଦନ୍ତ ସୁରକ୍ଷା ଆଲୋଚନାଚକ୍ର


ନୂଆଦିଲ୍ଲୀରୁ ଆସିଥିବା ଦନ୍ତ ଚିକିତ୍ସକଙ୍କୁ ସ୍ୱାଗତ କରାଯାଉଛି।

**ବରଗଡ଼ ଅଫିସ୍,୨୫ା୬**

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଦନ୍ତ ସୁରକ୍ଷା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ବବିତା ସାଓ୍ୱଡ଼ିଆ, ସିଦ୍ଧାର୍ଥ ସାଓ୍ୱଡ଼ିଆ, ସୀମା ସାହୁ, ରୀତା ନାୟକ, ମମତା ସିହ୍ନା, ଅଭିନନ୍ଦନ ସାହୁ, ଜିତେନ୍ଦ୍ର ନାୟକ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନୂଆଦିଲ୍ଲୀର ଦନ୍ତ ଚିକିତ୍ସକ ଡା. ସଲୋନୀ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦନ୍ତ ସୁରକ୍ଷା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦକ୍ଷତା ବିକାଶ ତାଲିମ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୨୫ା୬**

ବରଗଡ଼ ଜିଲାରେ ରହିଥିବା ୫–ଟି ସ୍କୁଲଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦକ୍ଷତା ବିକାଶ ପାଇଁ ଚାଲିଥିବା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବରଗଡ଼ ସରକାରୀ ବାଳିକା ହାଇସ୍କୁଲରେ ବରଗଡ଼, ସୋହେଲା, ଭେଡ଼େନ ବ୍ଲକର ୫୭ଜଣ, ଜର୍ଜ ହାଇସ୍କୁଲରେ ଅମ୍ବାଭୋନା, ଅତାବିରା, ଭଟଲି ବ୍ଲକର ୫୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମରେ ଅଂଶଗ୍ରହଣ କରିଥିଲେ। ସ୍ମାର୍ଟ କ୍ଲାସ ରୁମ୍ ପରିଚାଳନା, ଇ–ଲାଇବ୍ରେରୀ ସମେତ ଅନ୍ୟ ବିଷୟରେ ତାଲିମ ଦିଆଯାଇଥିଲା। ପ୍ରଦୀପ ସାହୁ, ଶିବେନ୍ଦ୍ର ରଞ୍ଜନ ସାହୁ ପ୍ରମୁଖ ସାଧନ କର୍ମୀ ତାଲିମ ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଶିକ୍ଷାଧିକାରୀବୃନ୍ଦ।

ଅଧ୍ୟକ୍ଷତାରେ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଛତ୍ରପତି ସାହୁ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ଅମୃତା ସାହୁ, ମଚ୍ଛିନ୍ଦ୍ର ମଲ୍ଲିକ, ଚୂଡ଼ାମଣି ବାରିକ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ରେଣୁଦାସ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡିଜିଟାଲ ସ୍କିଲ ବିକାଶ ଉପରେ ଉପାଦେୟ ପରାମର୍ଶ ଦିଆଯାଇଥିଲା।

## ଭାରତ ବନ୍ଦ ଡାକରାକୁ ନେଇ ଜାତୀୟ ରାଜପଥ ଅବରୋଧ



ଆନ୍ଦୋଳନକାରୀଙ୍କ ରାସ୍ତା ଅବରୋଧ ।

**ଭବାନୀପାଟଣା,୨୫ା୬(ସ୍ୱ.ପ୍ର.)**

ଭାରତର ଏକତା ଓ ଅଖଣ୍ଡତାକୁ ବିପଦରେ ପକାଉଥିବା ଶକ୍ତି ବିରୋଧରେ ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା ଓ ଭାରତ ମୁକ୍ତି ମୋର୍ଚ୍ଚାର ଆହ୍ୱାନକ୍ରମେ ଶନିବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳଥିଲା। ଆନ୍ଦୋଳନକାରୀ ମାନେ ଜିଲାର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଥିଲେ। ବରଗଡ଼ ବୋରିଗୁମା ଜାତୀୟ ରାଜପଥ ୨୬କୁ କୁଟୁରୁଖମାର ନିକଟରେ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ବଲାଙ୍ଗୀରରେ ସ୍ୱାଭିମାନ ଯାତ୍ରା ରେନ୍‌ବୋ

**ବଲାଙ୍ଗୀର ଅଫିସ,୨୫ା୬**

ବଲାଙ୍ଗୀର ସହରରେ ସାଥୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶନିବାର ସ୍ୱାଭିମାନ ଯାତ୍ରା 'ରେନବୋ' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭାଗିରଥୀ ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଭୀମ ଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ଯାଏ ରାଲି ଯାଇଥିଲା । ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ତୃତୀୟ ଲିଙ୍ଗୀ ଏଲଜିବିଟି ଆଇକ୍ୟୁମାନେ ଯୋଗଦେଇଥିଲେ। ସେମାନଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ବିଷୟରେ ଜନ ସଚେତନତା କରାଯାଇଥିଲା । ସାମାଜିକ ବ୍ୟବସ୍ଥାରେ ସମ୍ମାନର ସହ ବଞ୍ଚିବା ସହ ସେମାନଙ୍କୁ ସରକାରୀସ୍ତରରେ ଅଗ୍ରାଧିକାର ଲଢେଇ ସଫଳ ହୋଇଛି। ବର୍ତ୍ତମାନ ରାଜ୍ୟ ସରକାର ବିଭିନ୍ନ ନିଯୁକ୍ତିରେ ତୃତୀୟ ଲିଙ୍ଗୀ ଏଲଜିବିଟି ଆଇକ୍ୟୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ଏହା ନିଶ୍ଚିତ ଭାବେ ଏକ ବଡ ଉପଲବ୍ଧି। ନିଜ ଲିଙ୍ଗଗତକୁ ଲୁଚାଛପା ନରଖି ସାମାଜିକ ବିଧିବ୍ୟବସ୍ଥାରେ ଆଗକୁ ଆସି ନିଜର ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି। ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ଯୋଗଦେଇଥିଲେ। ଜିଲାର ୧୪ଟି ବ୍ଲକରୁ ଶହେରୁ ଊର୍ଦ୍ଧ୍ୱ ତୃତୀୟ ଲିଙ୍ଗୀ ଏଲଜିବିଟି ଆଇକ୍ୟୁମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ ହକ୍ ଓ ଅଧିକାର ବିଷୟରେ ସଚେତନ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସାଥୀ ଆସୋସିଏଟ୍ ପ୍ରୋଗ୍ରାମ ମ୍ୟାନେଜର ଶର୍ମିଷ୍ଠା ଦାସ, ଧନେଶ୍ୱର ତାଣ୍ଡି, ହିମାଂଶୁ ଯୋଶୀ, ବଳରାମ ଦୀପ ଉପସ୍ଥିତ ରହି ସହଯୋଗ କରିଥିଲେ ।



ବଲାଙ୍ଗୀରରେ ବାହାରିଥିବା ରେନ୍‌ବୋ ସ୍ୱାଭିମାନ ଯାତ୍ରା।

## କାମରେ ଆସୁନି ଚେକ୍‌ଡ୍ୟାମ, ଆଡ଼ିବନ୍ଧ

- ୨- ୩ କି.ମି. ଭିତରେ ନିର୍ମାଣ ହୋଇଛି ୧୫ରୁ ଊର୍ଦ୍ଧ୍ୱ ଚେକ୍ ଡ୍ୟାମ
- ଲୋକଙ୍କ ସୁବିଧା ପାଇଁ କରାଯାଇଛି- ସହକାରୀ ଯନ୍ତ୍ରୀ

**ବେହେରା,୨୫ା୬(ଡି.ଏନ.ଏ.)**

ଜମିରେ ଜଳସେଚନ, ମୃତ୍ତିକା ସଂରକ୍ଷଣ ଓ ଜଳସ୍ତର ହ୍ରାସ ଭଳି ସମସ୍ୟା ଦୂର କରିବା ଚେକଡ୍ୟାମ ଓ ଆଡିବନ୍ଧ ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ଗୋଟିଏ ନାଳର ୨ରୁ ୩ କି.ମି. ମଧ୍ୟରେ ନିର୍ମାଣ ହୋଇଛି ୧୫ରୁ ଊର୍ଦ୍ଧ୍ୱ ଚେକ୍‌ଡ୍ୟାମ ଓ ୩ ଟି ଆଡିବନ୍ଧ। ହେଲେ ନା ଜମିରେ ପାଣି ମାଡି ପାରୁଛି ନା ଲୋକଙ୍କର କୌଣସି କାର୍ଯ୍ୟରେ ଆସୁଛି। ଏପରି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତେଣ୍ଡାପାଲି ଗ୍ରାମ ପଞ୍ଚାୟତରେ। ଚେକ୍‌ଡ୍ୟାମକୁ ଦେଖିଲେ ପ୍ରଶାସନ କିଭଳି ସରକାରୀ ଅର୍ଥ ହଡପ କରିବା ପାଇଁ ଠିକାଦାରଙ୍କୁ ପ୍ରଶ୍ରୟ ଦେଇଛି ତାହା ବାରି ହୋଇ ପଡେ। ତାର ଜ୍ୱଳନ୍ତ ଉଦାହରଣ ଏହି କାର୍ଯ୍ୟର ସୂଚନା ଫଳକ। ଗୋଟିଏ ନାଳରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମର ସୂଚନା ଫଳକରେ ବିଭିନ୍ନ ନାମ ଦର୍ଶାଯାଇଛି। ଏଥିରୁ ସ୍ପଷ୍ଟ ଜଣାପଡେ ଯେ,ବିଭାଗୀୟ



ଚେକ୍ ଡ୍ୟାମ ।

ଅଧିକାରୀଙ୍କ ଆଭିମୁଖ୍ୟ କଣ ଥିଲା ଓ ଏଥିରେ ବିଭାଗୀୟ ଯନ୍ତ୍ରୀ ସମ୍ପୃକ୍ତି ଥିବା କଥାକୁ ଏଡାଇ ଦିଆଯାଇ ହେବନାହିଁ। ସ୍ଥାନ ଚିହ୍ନଟ ସହ କାମର ମାନ ନିରୂପଣ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହୋଇଥାଏ। ଅନ୍ୟପକ୍ଷରେ ଗୋଟାଏ ନାଳରେ ୫ଶହରୁ ହଜାର ମିଟର ବ୍ୟବଧାନରେ ଗୋଟାଏ ଚେକ୍‌ଡ୍ୟାମ କିମ୍ବା ଆଡିବନ୍ଧ ହେବା ନିୟମ ରହିଛି। ହେଲେ ୨–୩ କିମି ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ଚେକଡ୍ୟାମ ଓ ଆଡିବନ୍ଧ ନିର୍ମାଣ କରିବା କେତେ ଯୁକ୍ତିସଙ୍ଗତ ତାହା ସହଜେ ଅନୁମେୟ। ଏହି ଅଠର ନଳା ଭିତରେ ଧର୍ମଗଡ କ୍ଷୁଦ୍ର ଜଳ ବିଭାଜନ ପ୍ରକଳ୍ପ ମାଧ୍ୟମରେ ତିନୋଟି ଆଡିବନ୍ଧ ନିର୍ମାଣ ହୋଇଥିବା ବେଳେ ଧର୍ମଗଡ ବ୍ଲକ ସମିତି ମାଧ୍ୟମରେ ୧୫ରୁ ଅଧିକ ଚେକ୍‌ଡ୍ୟାମ ନିର୍ମାଣ ହୋଇଛି ଏତେଗୁଡାଏ ଚେକ୍‌ଡ୍ୟାମ ଓ ଆଡିବନ୍ଧ କମ୍ ଦୂରତାରେ ହେବା ଘଟଣାରୁ କେଉଁଠି ନା କେଉଁଠି ଦୁର୍ନୀତିର ଗନ୍ଧ ବାରି ହୋଇପଡେ। ଏଥିରେ ଠିକାଦାରଙ୍କ ଠାରୁ ଆରମ୍ଭ କରି ଯନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀ ଲିପ୍ତ ଥିବା ଅଭିଯୋଗକୁ ଏଡାଇ ଦିଆଯାଇ ନ ପାରେ । ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ବିରେନ୍ଦ୍ର ମେହେରଙ୍କୁ ପଚାରିବାରେ ଲୋକଙ୍କ ସୁବିଧା ପାଇଁ କରାଯାଇଛି ବୋଲି କହି କଥାଟାକୁ ଏଡାଇ ଯାଇଥିଲେ। ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

